SEPTEMBER 01, 2026
TUESDAY, BHUBANESWAR

ସେପ୍ଟେମ୍ବର ୦୧, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 355 ବର୍ଷ- ୧ ● ସଂଖ୍ୟା- ୩୫୫ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

# ଢେଙ୍କାନାଳରେ ଉଦ୍‌ଘାଟିତ ହେଲା 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍'

## ୨୪ ଘଣ୍ଟା ଉପଲବ୍ଧ ହେବ ଖାଦ୍ୟଶସ୍ୟ ବଣ୍ଟନ ସୁବିଧା





ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

❖ ଏକ ମାସ ମଧ୍ୟରେ ଇଚ୍ଛାନୁସାରେ ନେଇପାରିବେ ପ୍ରାପ୍ୟ ରାସନ

❖ ୨୪×୭ ଉପଲବ୍ଧ, ସୌରଶକ୍ତିରେ ମଧ୍ୟ ଚାଲିପାରିବ

ଢେଙ୍କାନାଳ,୩୧/୦୮ : ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ, ଦ୍ରୁତ ଓ ସୁବିଧାଜନକ କରିବା ଦିଗରେ ଏକ ନୂଆ ପଦକ୍ଷେପ ସ୍ୱରୂପ ଢେଙ୍କାନାଳରେ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାର ଏବଂ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (WFP)ର ମିଳିତ ପଦକ୍ଷେପରେ ଏହି ପ୍ରଯୁକ୍ତିଭିତ୍ତିକ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଉନ୍ନତ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଭାରତର ଉପନିର୍ଦ୍ଦେଶିକା ସୁଶ୍ରୀ ନୋଜୋମି ହାଶିମୋଟୋ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୁଶ୍ରୀ ହାଶିମୋଟୋ କହିଥିଲେ ଯେ, ଏହି ପ୍ରକଳ୍ପ ପ୍ରଯୁକ୍ତି, ସ୍ୱଚ୍ଛତା ଓ ମାନବିକ ସେବାର ଏକ ସୁନ୍ଦର ସମନ୍ୱୟ। ଏହା ଭାରତର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବାରେ ସହାୟକ ହେବ।

'ଏହି ନବସୃଜନ ପାଇଁ ମୁଁ ଅତ୍ୟନ୍ତ ଗର୍ବିତ। କାରଣ ଏହା ଏକ ଜନକୈନ୍ଦ୍ରିକ ନବସୃଜନ। ଅନେକ ନୂତନ ପ୍ରଯୁକ୍ତି ବିକଶିତ ହେଉଛି, କିନ୍ତୁ ଯେତେବେଳେ ପ୍ରଯୁକ୍ତି ସାଧାରଣ ଲୋକଙ୍କ ଜୀବନକୁ ସ୍ୱର୍ଶ କରି ତାହାକୁ ସହଜ କରେ, ସେତେବେଳେ ଏହାର ପ୍ରକୃତ ଅର୍ଥ ଓ ଗୁରୁତ୍ୱ ପ୍ରତିଫଳିତ ହୁଏ। ସେହି ଦୃଷ୍ଟିରୁ ଏହି ଗ୍ରେନ୍ ଏଟିଏମ୍ ଲୋକଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିପାରିବ,' ବୋଲି ସେ କହିଥିଲେ। ଏହି ମେସିନ୍‌ର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଓଡ଼ିଶା ଫିଲ୍ଡ ଅଫିସ୍‌ର ମୁଖ୍ୟ ହିମାଂଶୁ ବଳ କହିଥିଲେ ଯେ, ବର୍ତ୍ତମାନର ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେସିନ୍ ଏକ ସମୟରେ ୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବଣ୍ଟନ କରିପାରିବ। ଏହାର ଆଉ ଏକ ବିଶେଷ ସୁବିଧା ହେଉଛି, ହିତାଧିକାରୀମାନେ ନିଜର ସମ୍ପୂର୍ଣ୍ଣ ମାସିକ ଖାଦ୍ୟଶସ୍ୟ ପ୍ରାପ୍ୟକୁ ଗୋଟିଏ ଥରରେ ନେବାକୁ ବାଧ୍ୟ ନୁହନ୍ତି। ଉଦାହରଣ ସ୍ୱରୂପ, କୌଣସି ପରିବାରକୁ ମାସକୁ ୫୦ କିଲୋଗ୍ରାମ ଚାଉଳ ମିଳିବାକୁ ଥିଲେ, ସେମାନେ ନିଜ ସୁବିଧା ଅନୁଯାୟୀ ଏକାଧିକ ଥରରେ ତାହା ଗ୍ରହଣ କରିପାରିବେ। ଅର୍ଥାତ୍, ଏକ ମାସ ମଧ୍ୟରେ ନିଜ ଆବଶ୍ୟକତା ଅନୁଯାୟୀ ପ୍ରାପ୍ୟ ରାସନ ନେବାର ସୁବିଧା ରହିବ।



'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ସାଧାରଣ ଏଟିଏମ୍ ଭଳି ୨୪ ଘଣ୍ଟା, ସପ୍ତାହର ସାତ ଦିନ କାର୍ଯ୍ୟ କରିପାରିବ। ଏହା ଫଳରେ ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ଦୋକାନ ଖୋଲିବା ସମୟ ଉପରେ ନିର୍ଭରଶୀଳ ନହୋଇ ନିଜ ସୁବିଧା ଅନୁଯାୟୀ ରାସନ ଗ୍ରହଣ କରିପାରିବେ। ମେସିନ୍‌ଟି ସୌରଶକ୍ତି ମାଧ୍ୟମରେ ମଧ୍ୟ ପରିଚାଳିତ ହୋଇପାରିବ।

**କିପରି ବ୍ୟବହାର କରିବେ ଗ୍ରେନ୍ ଏଟିଏମ୍?**

ଗ୍ରେନ୍ ଏଟିଏମ୍ ବ୍ୟବହାର ପ୍ରକ୍ରିୟାକୁ ସରଳ ରଖାଯାଇଛି। ହିତାଧିକାରୀମାନେ ନିମ୍ନଲିଖିତ ପଦକ୍ଷେପରେ ନିଜର ଖାଦ୍ୟଶସ୍ୟ ଗ୍ରହଣ କରିପାରିବେ
ମେସିନ୍ ସାମ୍ନାରେ ଚିହ୍ନିତ ସ୍ଥାନରେ ଠିଆ ହୁଅନ୍ତୁ।
e-POS ଡିଭାଇସ୍‌ରେ ନିଜର ରାସନ କାର୍ଡ ନମ୍ବର ଦାଖଲ କରି ତଥ୍ୟ ଯାଞ୍ଚ କରନ୍ତୁ। ହିତାଧିକାରୀଙ୍କ ପ୍ରାପ୍ୟ ସମ୍ପର୍କିତ ତଥ୍ୟ ମଧ୍ୟ ମେସିନ୍‌ର ସ୍କ୍ରିନ୍‌ରେ ପ୍ରଦର୍ଶିତ ହେବ। ଆଧାର ଆଧାରିତ ବାୟୋମେଟ୍ରିକ୍ (ଫିଙ୍ଗରପ୍ରିଣ୍ଟ) ପ୍ରମାଣୀକରଣ କରନ୍ତୁ। ସ୍କ୍ରିନ୍‌ରେ ପ୍ରଦର୍ଶିତ ଉପଲବ୍ଧ ରାସନ ଓ ପରିମାଣ ଯାଞ୍ଚ କରନ୍ତୁ। ନିଜର ଥଳି କିମ୍ବା ବ୍ୟାଗ୍‌କୁ 'Grain Outlet' ତଳେ ରଖନ୍ତୁ। ସ୍କ୍ରିନ୍‌ରେ ଥିବା 'Dispens/ବିତରଣ ଆରମ୍ଭ କରନ୍ତୁ' ବଟନ୍ ଦବାନ୍ତୁ। କିଛି ସେକେଣ୍ଡ ମଧ୍ୟରେ ମେସିନ୍‌ରୁ ଖାଦ୍ୟଶସ୍ୟ ବାହାରିବ ଏବଂ ହିତାଧିକାରୀ ତାହା ସଂଗ୍ରହ କରିପାରିବେ। ଶେଷରେ ନିଜର ରାସନ ଗ୍ରହଣ କରି ସ୍କ୍ରିନ୍‌ରେ ପ୍ରଦର୍ଶିତ ତଥ୍ୟ/କାରବାରକୁ ନିଶ୍ଚିତ କରି ପ୍ରକ୍ରିୟା ସମାପ୍ତ କରିପାରିବେ।

ଏହି ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ଖାଦ୍ୟଶସ୍ୟ ବଣ୍ଟନରେ ସ୍ୱଚ୍ଛତା, ସଠିକତା ଓ ସୁବିଧା ବଢ଼ିବା ସହ ହିତାଧିକାରୀମାନଙ୍କୁ ନିଜ ପ୍ରାପ୍ୟ ଅଧିକ ସହଜ ଓ ସମୟୋପଯୋଗୀ ଭାବେ ପାଇବାର ସୁଯୋଗ ମିଳିବ।



ଢେଙ୍କାନାଳ ସହରକୁ ସରସ ସୁନ ସର କରିବା ସହ ନାଗରିକ ସେବାରେ ସମର୍ପିତ ସ୍ୱଚ୍ଛସାଥୀ, ଜଳସାଥୀ, ପରିମଳ କର୍ମୀ, ସହଯୋଗ ସହାୟକ, ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ପୌର କର୍ମଚାରୀ ଏବଂ ପାରିଷଦମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

## ଗଁଦିଆର ନୂତନ ସୂର୍ଯ୍ୟୋଦୟ : ବିକାଶର ପଥରେ ପ୍ରଥମ ପାଦ

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

# ଗଁଦିଆର ବିକାଶ ପାଇଁ ୨୦ କୋଟିର ଅନୁଦାନ




◆ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଯୋଗଦାନରେ ଉତ୍ସବ ମୁଖର

◆ ଗଁଦିଆ ବ୍ଲକ ପରିସର ବିକାଶର ନୂତନ ଶିଖରରେ ପହଞ୍ଚାଇବା ପାଇଁ ବାଟ ଫିଟିଲା

ଗଁଦିଆ, ୩୧/୦୮ (ବେତୁଜୀ ପ୍ରସାଦ) : ଢେଙ୍କାନାଳ ମାଟିରେ ଏକ ନୂତନ ଇତିହାସ ସୃଷ୍ଟି ହୋଇଛି। ଦୀର୍ଘ ଛପନ ବର୍ଷର ଅପେକ୍ଷା ଓ ଅସୁମାରୀ ଆଶା ଆକାଂକ୍ଷାର ଅନ୍ତ ଘଟାଇ ଗଁଦିଆ ଆଜି ପାଳନ କରିଛି ତାର ପ୍ରଥମ ସାୟତ୍ତ ଶାସନ ଦିବସ। ଗଁଦିଆ ବ୍ଲକ ପରିସରରେ ଆୟୋଜିତ ଏହି ଉତ୍ସବ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନଥିଲା, ବରଂ ଏହାଥିଲା ଜନସାଧାରଣଙ୍କ ସପ୍ନର ସାକାର ରୂପ ଏବଂ ଅଞ୍ଚଳବାସୀଙ୍କ ମନରେ ଆଶାର ଏକ ଦିବ୍ୟ ଆଲୋକ।ଉତ୍ସବର ମଞ୍ଚ ସାଜିଥିଲା ବେଶ୍ ଆକର୍ଷକ ଏବଂ ଚତୁର୍ଦ୍ଦିଗରେ ପ୍ରତିଧ୍ୱନିତ ହେଉଥିଲା ଖୁସିର ଲହରୀ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ମହୋତ୍ସବର ଶୁଭାରମ୍ଭ କରିଥିଲେ। ତାଙ୍କ ସାଙ୍ଗରେ ଏନ୍.ଏ.ସି. ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, କୋଦଣ୍ଡଧର ସାହୁ ଏବଂ ଲଳିତ ଦାସଙ୍କ ଭଳି ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଉତ୍ସବର ଗାମ୍ଭୀର୍ଯ୍ୟକୁ ଆହୁରି ବଢ଼ାଇ ଦେଇଥିଲା।କିନ୍ତୁ ଏହି ଉତ୍ସବର ସବୁଠାରୁ ରୋମାଞ୍ଚକର ମୁହୂର୍ତ୍ତ ଆସିଥିଲା, ଯେତେବେଳେ ବଡ଼ ପରଦାରେ ଏଲ୍.ଇ.ଡି. ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନମୂଳକ ଅଭିଭାଷଣ ପ୍ରସାରିତ ହୋଇଥିଲା। ରାଜ୍ୟର ପ୍ରତ୍ୟେକ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦକୁ କୋଡ଼ିଏ କୋଟି ଟଙ୍କା ଲେଖାଏଁ ଅନୁଦାନ ଦେବାର ଘୋଷଣା ମୁଖ୍ୟମନ୍ତ୍ରୀ ଯେତେବେଳେ କଲେ, ସେତେବେଳେ ଉପସ୍ଥିତ ଜନତାଙ୍କ ହର୍ଷଧ୍ୱନିରେ ଥରି ଉଠିଥିଲା ଗଁଦିଆ ମାଟି।ଏହି ବୃହତ ଅନୁଦାନ ଗଁଦିଆ ପାଇଁ କୌଣସି ଆଶୀର୍ବାଦଠାରୁ କମ୍ ନଥିଲା। ଦଶନ୍ଧି ଧରି ଅବହେଳିତ ହୋଇରହିଥିବା ଏହି ଅଞ୍ଚଳରେ ଏବେ ପକ୍କା ରାସ୍ତା, ପାନୀୟ ଜଳ, ପରିମଳ ଏବଂ ଆଧୁନିକୀକରଣର ଚିତ୍ର ବଦଳିବାକୁ ଯାଉଛି। ପ୍ରଥମ ଶାସନ ଦିବସର ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଗଁଦିଆକୁ ବିକାଶର ଏକ ନୂତନ ଶିଖରରେ ପହଞ୍ଚାଇବା ପାଇଁ ବାଟ କାଟି ଦେଇଛି, ଯାହା ପ୍ରତ୍ୟେକ ଗଁଦିଆବାସୀଙ୍କୁ ଗର୍ବିତ କରିଛି।

## ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍ 'ଦ୍ରୁତ, ନିଖୁଣ ଓ ସୁବିଧାଜନକ ଖାଦ୍ୟଶସ୍ୟ ବଣ୍ଟନ ଦିଗରେ ଭାରତ ଅଗ୍ରଣୀ': ନୋଜୋମି ହାଶିମୋଟୋ

"ଢେଙ୍କାନାଳରେ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାର ଏବଂ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (WFP)ର ମିଳିତ ପଦକ୍ଷେପରେ ଏହି ପ୍ରଯୁକ୍ତିଭିତ୍ତିକ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (UNWFP), ଭାରତର ଉପନିର୍ଦ୍ଦେଶିକା ସୁଶ୍ରୀ ନୋଜୋମି ହାଶିମୋଟୋ ଓଡ଼ିଶା ସରକାରଙ୍କ ସହ UNWFPର ବୈଷୟିକ ସହଭାଗିତା, ନୂତନ ଗ୍ରେନ୍ ଏଟିଏମ୍ ପ୍ରଯୁକ୍ତିର ସମ୍ଭାବନା ଏବଂ ଏହା କିପରି ସାଧାରଣ ଲୋକଙ୍କ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ପ୍ରକ୍ରିୟାକୁ ଅଧିକ ଦ୍ରୁତ, ନିଖୁଣ ଓ ସୁବିଧାଜନକ କରି ପାରିବ, ସେ ସମ୍ପର୍କରେ ଆମ ସହ ଆଲୋଚନା କରିଥିଲେ। ଏଥିସହ ଭାରତର ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଏବଂ ଢେଙ୍କାନାଳ ଗସ୍ତର ଅଭିଜ୍ଞତା ନେଇ ମଧ୍ୟ ସେ ମତ ରଖିଥିଲେ।"

## ସାକ୍ଷାତକାର

**ପ୍ରଶ୍ନ: ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଥିବା ସହଭାଗିତା ସମ୍ପର୍କରେ ଆମ ପାଠକମାନଙ୍କୁ କିଛି କହିବେ କି? ଏହି ସହଭାଗିତା ମାଧ୍ୟମରେ ଆପଣମାନେ କ'ଣ ହାସଲ କରିବାକୁ ଚାହୁଁଛନ୍ତି?**

**ଉତ୍ତର:** ମୁଁ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ପ୍ରତିନିଧିତ୍ୱ କରୁଛି। ଏହା ଏକ ଅନ୍ତର୍ଜାତୀୟ ସଂଗଠନ, ଯାହା ବିଶ୍ୱବ୍ୟାପୀ ଭାବେ କ୍ଷୁଧା ଓ ପୁଷ୍ଟିହୀନତାର ସମସ୍ୟାର ମୁକାବିଲା ପାଇଁ ଲୋକମାନଙ୍କ ସହିତ ଏବଂ ସରକାରମାନଙ୍କ ସହ ମିଶି କାର୍ଯ୍ୟ କରେ। ଭାରତରେ ଆମେ ସରକାରଙ୍କ ବୈଷୟିକ ପରାମର୍ଶଦାତା ଓ ସହଯୋଗୀ ଭାବେ କାର୍ଯ୍ୟ କରୁଛୁ। ଆମେ ନୂତନ ଚିନ୍ତାଧାରା, ନବସୃଜନ ଓ ପ୍ରଯୁକ୍ତିର ପ୍ରସ୍ତାବ ଦେଇଥାଉ, ସେଗୁଡ଼ିକୁ ପାଇଲଟ୍ ଆଧାରରେ ପରୀକ୍ଷା କରୁ, ଗବେଷଣା କରୁ ଏବଂ ଏହାର ଫଳାଫଳ ଆଧାରରେ ସରକାରଙ୍କୁ ପରାମର୍ଶ ଦେଉ। ତେବେ ନିଜ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଦାୟିତ୍ୱ ସରକାରଙ୍କର। ତେଣୁ ଆମର ଭୂମିକା ହେଉଛି ସରକାରଙ୍କୁ ବୈଷୟିକ ଜ୍ଞାନ, ଗବେଷଣା ଓ ନବସୃଜନ ମାଧ୍ୟମରେ ସହଯୋଗ କରିବା।




**ପ୍ରଶ୍ନ: ଏବେ ଆମେ ଯେଉଁ ଗ୍ରେନ୍ ଏଟିଏମ୍ ଦେଖୁଛୁ, ଏହା ସାଧାରଣ ଲୋକଙ୍କ ପାଇଁ କିପରି ଉପକାରୀ ହେବ?**

**ଉତ୍ତର:** ଏହି ନବସୃଜନ ପାଇଁ ଆମେ ଗର୍ବିତ। କାରଣ ଏହା ଏକ ଜନକୈନ୍ଦ୍ରିକ ନବସୃଜନ। ଆଜି ଅନେକ ନୂଆ ପ୍ରଯୁକ୍ତି ଆସୁଛି, କିନ୍ତୁ ସେହି ପ୍ରଯୁକ୍ତି ଯେତେବେଳେ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନକୁ ସ୍ୱର୍ଶ କରି ତାହାକୁ ସହଜ କରେ, ସେତେବେଳେ ତାହାର ଗୁରୁତ୍ୱ ଆହୁରି ବଢ଼ିଯାଏ। ସେହି ଦୃଷ୍ଟିରୁ ଗ୍ରେନ୍ ଏଟିଏମ୍ ସାଧାରଣ ଲୋକଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିପାରିବ। ଏହାର ଅନେକ ସୁବିଧା ରହିଛି। ମୁଁ ବିଶେଷ ଭାବେ ଚାରିଟି ଦିଗ ଉପରେ ଗୁରୁତ୍ୱ ଦେବି।

ପ୍ରଥମତଃ, ଏହା ଖାଦ୍ୟଶସ୍ୟ ପ୍ରାପ୍ତି ପ୍ରକ୍ରିୟାକୁ ଅଧିକ ଦ୍ରୁତ କରିବ। ପାରମ୍ପରିକ ଭାବେ ହାତରେ ଓଜନ କରି ଖାଦ୍ୟଶସ୍ୟ ବଣ୍ଟନ କରାଯାଉଥିବାରୁ ଲୋକମାନଙ୍କୁ ଧାଡ଼ିରେ ଅପେକ୍ଷା କରିବାକୁ ପଡୁଥିଲା। ଏହି ମେସିନ୍ ବ୍ୟବହାର ଦ୍ୱାରା ଅପେକ୍ଷା ସମୟ ଅନେକ କମିଯିବ। ମେସିନ୍ ମାଧ୍ୟମରେ ୨୫ କିଲୋଗ୍ରାମ ଚାଉଳ ମାତ୍ର ପ୍ରାୟ ୪୦ ସେକେଣ୍ଡରେ ମିଳିପାରିବ।

ଦ୍ୱିତୀୟତଃ, ଏହା ଅତ୍ୟନ୍ତ ନିଖୁଣ ଭାବେ ଖାଦ୍ୟଶସ୍ୟ ବଣ୍ଟନ କରେ। ଏହାର ସଠିକତା ୯୯.୯ ପ୍ରତିଶତ ଥିବାରୁ ହିତାଧିକାରୀମାନେ ନିଜର ନିର୍ଦ୍ଧାରିତ ପ୍ରାପ୍ୟ ସମ୍ପୂର୍ଣ୍ଣ ଭାବେ ପାଇବା ନେଇ ନିଶ୍ଚିନ୍ତ ରହିପାରିବେ।

ତୃତୀୟତଃ, ଏହି ସୁବିଧା ୨୪ ଘଣ୍ଟା ଓ ସପ୍ତାହର ସାତ ଦିନ ଉପଲବ୍ଧ ରହିବ। ପୂର୍ବରୁ ହିତାଧିକାରୀମାନଙ୍କୁ ଫେୟାର ପ୍ରାଇସ୍ ସପ୍ ଖୋଲା ଥିବା ସମୟରେ ଯାଇ ରାସନ ନେବାକୁ ପଡୁଥିଲା। ବିଶେଷକରି ଦୈନିକ ମଜୁରିଆ ଶ୍ରମିକମାନଙ୍କୁ ରାସନ ନେବା ପାଇଁ କାମରୁ ଛୁଟି ନେବାକୁ ପଡୁଥିଲା। ଏବେ ସେମାନେ ନିଜ କାମ ସରିବା ପରେ ମଧ୍ୟ ନିଜ ସୁବିଧା ଅନୁଯାୟୀ ଯେକୌଣସି ସମୟରେ ଆସି ନିଜ ପ୍ରାପ୍ୟ ଗ୍ରହଣ କରିପାରିବେ। ଏହା ନିଶ୍ଚିତ ଭାବେ ଲୋକଙ୍କ ଜୀବନକୁ ଅଧିକ ସୁବିଧାଜନକ କରିବ।

ଚତୁର୍ଥତଃ, ଏହି ମେସିନ୍ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେବା ଯୋଗାଇପାରିବ। ଉଦାହରଣ ସ୍ୱରୂପ, ଯଦି ଅନ୍ୟ ଅଞ୍ଚଳରୁ କୌଣସି ପ୍ରବାସୀ ଶ୍ରମିକ ଢେଙ୍କାନାଳକୁ ଆସନ୍ତି, ତେବେ ତାଙ୍କର ବୈଧ ରାସନ କାର୍ଡ ଥିଲେ ସେ ଏଠାରେ ମଧ୍ୟ ନିଜ ଖାଦ୍ୟଶସ୍ୟ ପ୍ରାପ୍ୟ ଗ୍ରହଣ କରିପାରିବେ। ସମଗ୍ର ଭାବେ, ଏହି ମେସିନ୍ ମାଧ୍ୟମରେ ଲୋକମାନେ ନିଜର PDS ପ୍ରାପ୍ୟକୁ ଅଧିକ ଦ୍ରୁତ, ନିଖୁଣ ଏବଂ ସୁବିଧାଜନକ ଭାବେ ପାଇପାରିବେ ବୋଲି ଆମର ଆଶା।

**ପ୍ରଶ୍ନ: ବିଶ୍ୱର ଅନ୍ୟ କୌଣସି ଦେଶରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି କି?**

**ଉତ୍ତର:** ବିଶେଷକରି ସରକାରୀ ଖାଦ୍ୟ ବଣ୍ଟନ ଯୋଜନା କ୍ଷେତ୍ରରେ ଏଭଳି ବ୍ୟବସ୍ଥାର ଅନ୍ୟ କୌଣସି ଉଦାହରଣ ମୋର ଜଣାନାହିଁ। ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଏହି ପ୍ରଯୁକ୍ତିକୁ ଆଗକୁ ବଢ଼ାଇବାରେ ସହଯୋଗ କରୁଛି। ଏହା ଏକ 'ମେକ୍ ଇନ୍ ଇଣ୍ଡିଆ' ମେସିନ୍ ଏବଂ ଏହା ପଛରେ ଭାରତୀୟ ପ୍ରଯୁକ୍ତି ରହିଛି। ଭାରତର ଏହି ସଫଳତାରୁ ଅନ୍ୟ ଦେଶମାନେ ଶିଖନ୍ତୁ ଏବଂ ନିଜ ଦେଶରେ ଏଭଳି ବ୍ୟବସ୍ଥା ଆରମ୍ଭ କରିବାର ସମ୍ଭାବନା ଅନୁଧ୍ୟାନ କରନ୍ତୁ, ଆମେ ଏହାକୁ ଉତ୍ସାହିତ କରୁଛୁ।

**ପ୍ରଶ୍ନ: ତେବେ ଏହି କ୍ଷେତ୍ରରେ ଭାରତକୁ ଅଗ୍ରଣୀ ବୋଲି କୁହାଯାଇପାରେ କି?**

**ଉତ୍ତର :** ହଁ, ନିଶ୍ଚିତ ଭାବେ। ଏହି ବିଶେଷ ପ୍ରଯୁକ୍ତି କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

**ପ୍ରଶ୍ନ: ଶେଷରେ, ଏହି କାର୍ଯ୍ୟକ୍ରମ, ଏଠାକାର ଲୋକମାନେ ଏବଂ ଢେଙ୍କାନାଳ ଗସ୍ତର ଆପଣଙ୍କ ସାମଗ୍ରିକ ଅଭିଜ୍ଞତା କିପରି ରହିଲା?**

**ଉତ୍ତର:** ମୁଁ ସବୁବେଳେ ଓଡ଼ିଶା ଗସ୍ତକୁ ବହୁତ ଉପଭୋଗ କରେ। ଢେଙ୍କାନାଳକୁ ଏହା ମୋର ପ୍ରଥମ ଗସ୍ତ। ଏଠାରେ ମଧ୍ୟ ମୋତେ ବହୁତ ଆତ୍ମୀୟ ଓ ଉଷ୍ମ ସ୍ୱାଗତ ମିଳିଛି। ଏଥିପାଇଁ ମୁଁ ଅତ୍ୟନ୍ତ କୃତଜ୍ଞ।

ଏଠାକୁ ଆସିବା ବାଟରେ ଦେଖିଥିବା ସବୁଜ ପରିବେଶ, ନଦୀ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମୋତେ ବହୁତ ଭଲ ଲାଗିଛି। ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ମୁଁ ସବୁବେଳେ ଆନନ୍ଦ ଅନୁଭବ କରେ। ଢେଙ୍କାନାଳ ଗସ୍ତର ଅଭିଜ୍ଞତା ମଧ୍ୟ ମୋ ପାଇଁ ଅତ୍ୟନ୍ତ ସୁଖଦ ରହିଛି।



ମଙ୍ଗଳବାର ୦୧।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟ ସ୍ତରୀୟ ସାୟତ୍ତ...

School of Business ଏବଂ National Institutର **of Urban Affairs** ର ବୁଝାମଣା ପତ୍ର ସାକ୍ଷରିତ ହୋଇଛି। ଏଥି ସହିତ CRUT ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସାକ୍ଷରିତ ହୋଇଛି। ଆହୁରି ମଧ୍ୟ ୧୧୫ଟି ପୌର ସଂସ୍ଥାରେ OSWAN Video Conferencing ସୁବିଧା ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ', ଓଡିଶା ଯାତ୍ରୀ ଏସ୍.ଓ.ଏସ୍. ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପୌର ସଂସ୍ଥା ଗୁଡିକର କର୍ମଚାରୀ, ସ୍ୱଚ୍ଛ ସାଥୀ, ଜଳ ସାଥୀ, ପରିମଳ କର୍ମୀ ଏବଂ **CRUT**ର କର୍ମଚାରୀମାନଙ୍କୁ ନିଷ୍ଠାପର କାର୍ଯ୍ୟ ପାଇଁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହିତ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆମ ସରକାର ଦାୟିତ୍ୱ ନେବା ପରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ୭ଟି ନୂତନ ପୌର ପରିଷଦ ଗଠନ ସହିତ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରାଯାଇଛି। ଆମେ କେବଳ ରାଜ୍ୟର ବଡ ସହର ନୁହେଁ, ଛୋଟ ଛୋଟ ଘଇଉ ଓ Municipality ଅଞ୍ଚଳ ଗୁଡିକର ସହରୀୟ ଭିତ୍ତିଭୂମି ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛୁ ବୋଲି କହି ସ୍ୱଚ୍ଛ ଓଡିଶା, ନିଶାମୁକ୍ତ ଓଡିଶା ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ ଭୁବନେଶ୍ୱରକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଅର୍ଜନ କ୍ଷେତ୍ରରେ ଏକ ଶ୍ରେଷ୍ଠ ସହର ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ସହରାଞ୍ଚଳବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ସହରାଞ୍ଚଳବାସୀଙ୍କ ସହଯୋଗରେ ହିଁ ସହରାଞ୍ଚଳର ବିକାଶ ସମ୍ଭବ ହେବ ବୋଲି ସେ କହିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନର ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରପତି ଭବନରେ ରକ୍ଷାବନ୍ଧନ...

ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୁପାଲି ସେନାପତି ଏବଂ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍‌ର ସହକାରୀ ଶିକ୍ଷକ ତୋଫାନ କୁମାର ରାଉତରାୟ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଷ୍ଟ୍ରପତି ଭବନର ଏହି ସତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ଏହି ୬ ଜଣଙ୍କ ଯୋଗଦାନ ରାଜ୍ୟ ପାଇଁ ଗୌରବର ବିଷୟ ହୋଇଛି।

### ପ୍ରଧାନମନ୍ତ୍ରୀଙ୍କ ଉଜବେକିସ୍ତାନ...

ଉଜବେକିସ୍ତାନରୁ ଭାରତକୁ ୟୁରାନିୟମ୍ ଯୋଗାଣ ପାଇଁ ହୋଇଥିବା ଦୀର୍ଘକାଳୀନ ବ୍ୟବସ୍ଥାରେ ହୋଇଥିବା ଅଗ୍ରଗତିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ସହଯୋଗ ବୃଦ୍ଧିର ଗୁରୁତ୍ୱକୁ ଦୋହରାଇଛନ୍ତି। ସମ୍ପର୍କର ଗଭୀରତା ଓ ମହତ୍ତ୍ୱକୁ ଦୃଷ୍ଟିରେ ରଖି ଉଭୟ ଦେଶ ଦ୍ୱିପାକ୍ଷିକ 'ରଣନୈତିକ ସହଭାଗିତା'କୁ 'ବ୍ୟାପକ ରଣନୈତିକ ସହଭାଗିତା' ସ୍ତରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୩୦ ସୁଦ୍ଧା ୫ ବିଲିୟନ୍ ଆମେରିକୀୟ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିବା ସହ ଅର୍ଥନୈତିକ ଓ ନିବେଶ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବ୍ୟବସାୟିକ ସମ୍ମିଳନୀ ଆୟୋଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ବ୍ୟାପକ ରଣନୈତିକ ସହଭାଗିତାକୁ ଅର୍ଥପୂର୍ଣ୍ଣ ଭାବେ ଆଗକୁ ନେବା ପାଇଁ ଉଭୟ ନେତା ବୈଦେଶିକ ମନ୍ତ୍ରୀସ୍ତରୀୟ ବ୍ୟବସ୍ଥା ସ୍ଥାପନ କରିବା ଏବଂ ଅନ୍ତଃ-ସରକାରୀ ଆୟୋଗକୁ ମନ୍ତ୍ରୀ ସ୍ତରକୁ ବୃଦ୍ଧି କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଉଭୟ ନେତା ଉଲ୍ଲେଖ କରିଥିଲେ ଯେ, ପ୍ରାଚୀନ ସଭ୍ୟତାଗତ ସମ୍ପର୍କ ଏବଂ ବର୍ତ୍ତମାନର ପାରସ୍ପରିକ ଜନ-ସମ୍ପର୍କ ଦୁଇ ଦେଶର ଭାଗୀଦାରିରେ ନିରନ୍ତର ନୂତନ ଜୀବନଶକ୍ତି ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ଉଜବେକିସ୍ତାନରେ ଯୋଗର ଲୋକପ୍ରିୟତାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ଦିନର ପ୍ରାରମ୍ଭରେ ସେ ଉଜବେକିସ୍ତାନ ଯୋଗ ଫେଡେରେସନ୍ ଦ୍ୱାରା ଆୟୋଜିତ ଏକ ଯୋଗ ଅଧିବେଶନ ଦେଖିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଦେହାନ୍ତର ୬୦ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଉଜବେକିସ୍ତାନ ଛାତ୍ରଛାତ୍ରୀଙ୍କ ପାଇଁ 'ଲାଲ ବାହାଦୁର ଶାସ୍ତ୍ରୀ ହିନ୍ଦୀ ଭାଷା ଛାତ୍ରବୃତ୍ତି' ଘୋଷଣା କରିଥିଲେ। ଉଜବେକିସ୍ତାନର 'ୟଶିଲ୍ ମାକନ୍' ସବୁଜ ଅଭିଯାନ ଏବଂ ଭାରତର 'ଏକ ପେଡ୍ ମା କେ ନାମ୍' ଅଭିଯାନ ମଧ୍ୟରେ ସମାନତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦୀ ଆରାଲ୍ ସାଗର ଅଞ୍ଚଳରେ ଚାଲିଥିବା ପରିବେଶ ପୁନରୁଦ୍ଧାର ପ୍ରୟାସରେ ଉଜବେକିସ୍ତାନ ସହ ଭାରତର ଭାଗୀଦାରି ଘୋଷଣା କରିଥିଲେ। ଆଲୋଚନା ପରେ ଉଭୟ ପକ୍ଷ ସଂସ୍କୃତି, ଉଚ୍ଚଶିକ୍ଷା ଓ ଗବେଷଣା, ଦକ୍ଷତା ବିକାଶ, ଅଭିଲେଖାଗାର, ଅର୍ଥନୈତିକ ସହଯୋଗ, ପରିବେଶ, ପର୍ଯ୍ୟଟନ, ଖଣି, ଆୟୁର୍ବେଦ ଏବଂ ସହଯୋଗମୂଳକ-ରାଷ୍ଟ୍ର ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରକୁ ନେଇ ବୁଝାମଣାପତ୍ର ଓ ଚୁକ୍ତିନାମା ଆଦାନପ୍ରଦାନର ପ୍ରତ୍ୟକ୍ଷଦର୍ଶୀ ସାକ୍ଷିଥିଲେ। ଉଜବେକିସ୍ତାନର 'ଫାୟାର୍ ଟେପା' ଏବଂ 'କାରା ଟେପା'' ବୌଦ୍ଧ ସ୍ଥଳୀର ପୁନରୁଦ୍ଧାର' ପାଇଁ ଏକ 'ଲେଟର ଅଫ୍ ଇଣ୍ଟେଣ୍ଟ' ସାକ୍ଷରିତ ହୋଇଥିଲା। ତାସକେଣ୍ଟ ଷ୍ଟେଟ୍ ୟୁନିଭର୍ସିଟି ଅଫ୍ ଓରିଏଣ୍ଟାଲ୍ ଷ୍ଟଡିଜ୍‌ରେ 'ଆଇସିସିଆର ସଂସ୍କୃତ ଚେୟାର୍' ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର ମଧ୍ୟ ଚୂଡ଼ାନ୍ତ ହୋଇଥିଲା। ବୁଝାମଣାପତ୍ର ଏବଂ ଚୁକ୍ତିନାମାର ସମ୍ପୂର୍ଣ୍ଣ ତାଲିକା ଏଠାରେ ଉପଲବ୍ଧ। ରାଷ୍ଟ୍ରପତି ମିର୍ଜିୟୋୟେଭ୍ ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ଏକ ଭୋଜିର ଆୟୋଜନ କରିଥିଲେ। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ମିର୍ଜିୟୋୟେଭ୍‌ଙ୍କୁ ତାଙ୍କର ସଦୟ ଆତିଥ୍ୟ ପାଇଁ କୃତଜ୍ଞତା ଜଣାଇବା ସହିତ ତାଙ୍କୁ ଭାରତ ଗସ୍ତରେ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ।

### ଖଣି ଚୋରି ଲୁଚାଇବା ପାଇଁ...

ରାଜନୀତି କରି କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ପ୍ରଚାରିତ କରି ଏଠି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇଲା। ଶାଗ, ମାଛ ଦରରେ ଖଣିଜ ସମ୍ପଦକୁ ଅଣଓଡ଼ିଆ ବ୍ୟବସାୟୀଙ୍କୁ ଟେକି ଦେଇ ବ୍ୟାପକ ମୁନାଫା କମାଇଥିଲା ବିଜେଡି। କୌଣସି କ୍ଷେତ୍ରରେ ସୁଯୋଗ ନ ମିଳିବାରୁ ଓଡ଼ିଶାର ଅନେକ ପରିବାରର ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିଲେ। ବିଶେଷ କରି ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଓ ଗଂଜାମ ଜିଲ୍ଲାରୁ ସର୍ବାଧିକ ଦାଦନ ବାହାର ରାଜ୍ୟରେ ଗୋଡି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଖଣିଜ ସମ୍ପଦରେ ବ୍ୟାପକ ଲୁଟକୁ ନେଇ ଶାହ କମିଶନଙ୍କ ନିର୍ଦ୍ଦେଶକୁ ଗତ ସରକାର ଶୀତଳଭଣ୍ଡାରରେ ପକାଇ ଦେଇ ଦୁର୍ନୀତିଗ୍ରସ୍ତ ଖଣିମାଲିକମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ ବୋଲି ଏକ ପ୍ରେସ ବିବୃତି ଜରିଆରେ ବିଜେପି ସାଧାରଣ ସମ୍ପାଦକ ବିଜୟ ନାରାୟଣ ତ୍ରିପାଠୀ ଦର୍ଶାଇଛନ୍ତି। ଶ୍ରୀ ତ୍ରିପାଠୀ ଉଲ୍ଲେଖ କରିଛନ୍ତି ଯେ, ବିଜୁବାବୁଙ୍କ ସପ୍ନ ପୂରଣ କରିବାକୁ ଆସିଛନ୍ତି କହି ନବୀନ ପଟ୍ଟନାୟକ କେବଳ ଦାମୀ ପାନୀୟ ଓ ନେଟଫ୍ଲିକ୍ସରେ ସିନେମା ଦେଖିବାରେ ବ୍ୟସ୍ତ ରହୁଥିଲେ ଯାହାକି ଜାତୀୟସ୍ତରର ସାମ୍ବାଦିକ ରାଜଦୀପ ସରଦେଶାଇ ତାଙ୍କ ସାକ୍ଷାତକାରରେ କହିଥିଲେ। ମିଛରେ ଖଣିଜ ସମ୍ପଦକୁ ସୁରକ୍ଷା ଦେବାପାଇଁ ଓ ଓଡିଶାର ହକ ନେବାପାଇଁ ସୁପ୍ରିମକୋର୍ଟରେ ବଡ଼ବଡ଼ ଓକିଲଙ୍କୁ କୋଟି କୋଟି ଟଙ୍କାର ଫି ଦେଇ ଦୀର୍ଘ ୨୦ ବର୍ଷ ନାଟକ କରୁଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିସହ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଭୁଲୁଣ୍ଠିତ କରି ଚାଲିଥିଲେ ନବୀନ ପଟ୍ଟନାୟକ ଓ ତାଙ୍କ ଅନୁଗତ ଅଣଓଡ଼ିଆ ସରକାରୀ ବାବୁମାନେ। ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବାଠାରୁ ଓଡିଶାକୁ ଫୋକସ ଦେଇଥିଲା କେନ୍ଦ୍ରର ବିଜେପି ସରକାର। ରେଳବାଇ, ଖାଦ୍ୟ ସୁରକ୍ଷା ଯୋଜନା, ଆବାସ ଯୋଜନା, ଇଲେକ୍ଟ୍ରିଫିକେସନ, ପାନୀୟ ଜଳ ଯୋଜନା, ଦକ୍ଷତା ବିକାଶ, କୃଷି କ୍ଷେତ୍ର, ମହିଳା ଓ ଶିଶୁ ସୁରକ୍ଷା ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ଅର୍ଥ ପ୍ରଦାନ କରୁଥିଲା କେନ୍ଦ୍ର ସରକାର। ସେହିପରି ସୁକିନ୍ଦା ଅଂଚଳରେ ଥିବା ବିଭିନ୍ନ କ୍ରୋମାଇଟ ମାଇନ୍‌ସର ଲିଜ୍ ଅବଧି ସରିଯିବାରୁ ତାହାକୁ ମଧ୍ୟ ଓଏମ୍‌ସିକୁ ନଦେଇ ଘରୋଇ କମ୍ପାନୀକୁ କାହା ସାର୍ଥରେ ବିକ୍ରି କରିଦିଆଗଲା ? ଏହାର ଜବାବ ବିଜେଡି ଦେବ କି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ମୋଦୀଜୀଙ୍କ ନେତୃତ୍ୱ ଯୋଗୁଁ ପୂର୍ବ ଭାରତ ବିକାଶରେ ଓଡିଶା ସର୍ବାଗ୍ରେ ଅଛି। କିନ୍ତୁ ଖଣି ଦୁର୍ନୀତିରେ ସାମିଲ ଥିବା ବିଜେଡି ଏବେ ରାଜ୍ୟର ଖଣିଜ ସମ୍ପଦ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି। ନୂତନ ଭାବେ ଏମ୍‌ଏମ୍‌ଡିଆର ଆଇନ ଓଡିଶା ସମେତ ସମସ୍ତ ରାଜ୍ୟକୁ ସେମାନଙ୍କ ପ୍ରାପ୍ୟ ଦେବା ସହ ରାଜ୍ୟ ଗୁଡିକର ବିକାଶରେ ସାହାଯ୍ୟ କରିବ। ବିଜେଡି ସମୟରେ ଖଣିଜ ସମ୍ପଦରୁ ରାଜସ୍ୱ ୫ ହଜାର କୋଟି ଥିବାବେଳେ ଏବେ ତାହା ୫୫ ହଜାର କୋଟିରେ ପହଂଚିଛି। ଡିଏମ୍‌ଏ ଫଣ୍ଡ ଦ୍ୱାରା ବିଜେଡି ନିଜର ଦଳୀୟ ସମ୍ପତ୍ତି ଠୁଳ କରୁଥିବାବେଳେ ଏବେ ତାହାର ପରିବର୍ତ୍ତନ କରାଯାଇ ସାଧାରଣ ନାଗରିକଙ୍କ ପାଇଁ ତାହା ବ୍ୟବହାର ହେଉଛି। ତେଣୁ ବିଜେଡି ନିଜର ସ୍ଥିତି ବଜାୟ ରଖିବା ପାଇଁ ଏଭଳି ନାଟକବାଜି କରୁଛି। ଏମ୍‌ଏମ୍‌ଡିଆର ଆକ୍ଟକୁ ନେଇ ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବିଜେଡି, ଯାହାକି ସଫଳ ହେବନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

### ଏମ୍‌ଏମ୍‌ଡିଆର ସଂଶୋଧନକୁ...

ସମୟର ଡିଫରେନ୍ସିଆଲ୍ ରୟାଲଟି ପ୍ରଦାନ ବାବଦରେ ଏହି ଡିମାଣ୍ଡ ରହିଥିବା ଜଣାପଡିଥିବା ବେଳେ, ଏହା ବିରୋଧରେ ଖଣି ମାଲିକ ମାନେ ୨୦୧୩ ରୁ ୨୦୧୪ ମଧ୍ୟରେ (ଆର.ଏ) ଠାରେ ଆବେଦନ ଦାଖଲ କରିଥିଲେ। କିନ୍ତୁ (ଆର.ଏ)ଙ୍କ ନିକଟରେ ବିଭାଗୀୟ ମନ୍ତବ୍ୟ ଏବଂ ସୂଚନା ଦାଖଲ କରିବାରେ ଏକରୁ ତିନି ବର୍ଷ ପର୍ଯ୍ୟନ୍ତ ବିଳମ୍ବ କରିଥିଲେ ସରକାର ଏବଂ ପରବର୍ତ୍ତୀ ଏପ୍ରିଲ୍ ୨୦୧୫ ରୁ ୨୦୧୭ ମଧ୍ୟରେ ବିଭାଗୀୟ ମନ୍ତବ୍ୟ ଗୁଡ଼ିକ ଦାଖଲ କରାଯାଇଥିଲା। (ଆର.ଏ)ଙ୍କ ଠାରୁ ସୂଚନା ପ୍ରାପ୍ତ ହେବାର ତିନି ମାସ ମଧ୍ୟରେ ବିଭାଗକୁ ନିଜର ମନ୍ତବ୍ୟ ଦାଖଲ କରିବା ପାଇଁ ନିୟମ ରହିଛି। ତେବେ ବିଭାଗର ବିଳମ୍ବିତ ଉତ୍ତର ଏବଂ ସମୟ ମଧ୍ୟରେ ଆବଶ୍ୟକ ସୂଚନା ଦାଖଲ ନକରିବା ଯୋଗୁଁ (ଆର.ଏ) ଙ୍କ ନିକଟରେ ମାମଲାଗୁଡ଼ିକ ଦୀର୍ଘ ସମୟ ଧରି ପଡ଼ି ରହିଥିଲା। ୧୯୭୪ ମସିହାର ଖଣି ଓ ଭୂତତ୍ତ୍ୱ ବିଭାଗର ବିଜ୍ଞପ୍ତି ଅନୁସାରେ ଫୋର୍ମ-୨୬ ଅଧୀନରେ (ଡିସିବି) ରେଜିଷ୍ଟର, (ଡିମାଣ୍ଡ-କଲେକ୍ସନ-ବାଲାନ୍ସ) ରେଜିଷ୍ଟର ରଖିବା ଅନିବାର୍ଯ୍ୟ ଥିଲା। କୌଣସି ଦାବି/ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ସେହି ଦାବି/ଡିମାଣ୍ଡ ରାଶିକୁ (ଡିସିବି) ରେଜିଷ୍ଟରରେ ଲିପିବଦ୍ଧ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ମଧ୍ୟ ରହିଥିଲା। କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକ ପ୍ରତିବର୍ଷ (ଡିସିବି)ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟର ମୋଟ ରାଜସ୍ୱର ହିସାବ ସଂକଳନ ପାଇଁ ଖଣି ନିର୍ଦ୍ଦେଶାଳୟକୁ ପଠାଇବାର ବାଧ୍ୟତା ମୂଳକ ବ୍ୟବସ୍ଥା ଥିଲା। ତେବେ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରେକର୍ଡ ଆଦି ଯାଞ୍ଚରୁ ଜଣା ପଡିଥିଲା ଯେ ଅକ୍ଟୋବର ୨୦୧୨ ରୁ ଅଗଷ୍ଟ ୨୦୧୬ ମଧ୍ୟରେ ବେଆଇନ ଖଣି କାର୍ଯ୍ୟ ଓ ନିର୍ଦ୍ଧାରିତ ଅନୁମତି ଠାରୁ ଅଧିକ ଉତ୍ପାଦନ ସମ୍ବନ୍ଧରେ ୧୨ଟି ମାଇନିଙ୍ଗ ସର୍କଲ ର ୨୧୧ ଜଣ ଲିଜ୍‌ଧାରୀଙ୍କ ବିରୁଦ୍ଧରେ ୬୫,୪୨୬.୦୩ କୋଟି ଟଙ୍କାର ଡିମାଣ୍ଡ ଉଠି ଥିଲା। କିନ୍ତୁ ଏହି ବିପୁଳ ରାଶିକୁ (ଡିସିବି) ରେଜିଷ୍ଟର ରେ ଦର୍ଶାଇଯାଇ ନଥିଲା। ଫଳରେ ସରକାରୀ ରେକର୍ଡରେ ପ୍ରକୃତ ବକେୟା ରାଜସ୍ୱ ତୁଳନାରେ ୬୫,୪୨୬.୦୩ କୋଟି କମ୍ ଦେଖାଯାଇଥିବା ସିଏଜି ତାଙ୍କ ରିପୋର୍ଟ ରେ ଉଲ୍ଲେଖ କରିଛନ୍ତି। ଚାରିଟି ୟୁନିଟ୍‌ର ରେକର୍ଡ ର ବିସ୍ତୃତ ଯାଞ୍ଚରୁ ଜଣାପଡ଼ିଥିଲା ଯେ ନଭେମ୍ବର ୨୦୧୨ ରୁ ଫେବୃଆରୀ ୨୦୧୪ ମଧ୍ୟରେ ବେଆଇନ ଖଣି ଉତ୍ତୋଳନ ପାଇଁ ୪୪,୩୨୪. ୭୬ କୋଟି ଟଙ୍କାର ଡିମାଣ୍ଡ ନୋଟିସ କରାଯାଇଥିଲା ଓ ତେବେ କେବଳ ୮୬ ଜଣ ଲିଜ୍‌ଧାରୀଙ୍କ କ୍ଷେତ୍ରରେ ୨୦୦୦-୦୧ ରୁ ୨୦୦୯-୧୦ ମଧ୍ୟରେ ଆଇନଗତ ଅନୁମୋଦନ ସୀମା ଠାରୁ ଅଧିକ ଉତ୍ପାଦନ କରିଥିବା ହେତୁ ଏହି ଡିମାଣ୍ଡ ନୋଟିସ ଜାରି ହୋଇଥିଲା । ତେବେ ଯାଞ୍ଚ ବେଳେ ଆଉ ଏକ ଗୁରୁତର ତ୍ରୁଟି ସାମ୍ନା କୁ ଆସିଥିଲା। ଏତେ ବିପୁଳ ପରିମାଣର ଡିମାଣ୍ଡ କରାଯାଇଥିଲେ ମଧ୍ୟ ସେହି ଡିମାଣ୍ଡ ରାଶିକୁ (ଡିସିବି)ରେଜିଷ୍ଟର ଅନ୍ତର୍ଭୁକ୍ତ କରାଯାଇନଥିଲା। ତତସହିତ ଖଣି ନିର୍ଦ୍ଦେଶାଳୟକୁ ପଠାଯାଇଥିବା (ଡିସିବି) ବିବରଣୀରେ ମଧ୍ୟ ଏହି ଡିମାଣ୍ଡ ରାଶିଗୁଡ଼ିକ ଦର୍ଶାଯାଇନଥିଲା। ଫଳସରୂପ, ୬୫,୪୨୬.୦୩ କୋଟି ଟଙ୍କାର ଡିମାଣ୍ଡ (ଡିସିବି)ରେଜିଷ୍ଟରରେ ଅନ୍ତର୍ଭୁକ୍ତ ନହେବାରୁ ସରକାରୀ ରେକର୍ଡରେ ଦର୍ଶାଯାଇଥିବା ବକେୟା ରାଶି ପ୍ରକୃତ ବକେୟା ତୁଳନାରେ ୬୫,୪୨୬.୦୩ କୋଟି କମ୍ ଦର୍ଶାଯାଇଥିଲା।ଏହାକୁ ନେଇ ସରକାର ଯୁକ୍ତି ରଖିଥିଲେ ଯେ ?୬୫,୪୨୬.୦୩ କୋଟିର ଡିମାଣ୍ଡ ଅନୁମତି ଠାରୁ ଅଧିକ ଉତ୍ପାଦନ ସମ୍ବନ୍ଧୀୟ ଥିଲା ଏବଂ ଲିଜଧାରାକ ମାନେ ଏହାକୁ (ଆରଏ) ସମ୍ମୁଖରେ ଆବେଦନ କରିଥିଲେ। ମାମଲା ବିଚାରଧୀନ ଥିବାରୁ ସେହି ଡିମାଣ୍ଡ ଗୁଡ଼ିକ (ଡିସିବି)ରେ ସାମିଲ କରାଯାଇନଥିଲା। ତେବେ ଏହି ଯୁକ୍ତି ଗ୍ରହଣ ଯୋଗ୍ୟ ନଥିବା ସିଏଜି ନିଜ ରିପୋର୍ଟ ରେ ଟିପିଣୀ କରିଛନ୍ତି । ସେହିପରି ୨୦୧୩-୧୪ ରୁ ୨୦୧୫-୧୬ ମଧ୍ୟରେ ଖଣି ରାଜସ୍ୱରେ ବକେୟା ରାଶି ଅତ୍ୟଧିକ ରହିଥିଲା।

# ଚାଷୀଙ୍କ ଧାନ ବିକ୍ରି ନେଇ ଅନିଶ୍ଚିତତା !

## ପଞ୍ଜିକରଣ ହେଉନଥିବା ଅଭିଯୋଗ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଶତାଧିକ ଆଦିବାସୀ ଚାଷୀ

ନୂଆପଡ଼ା -୩୧/୦୮( ଅକ୍ଷର ଓଡିଶା ) ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ପଟ୍ଟା ପାଇଥିବା ଗରିବ ଆଦିବାସୀ ଚାଷୀଙ୍କ ଖରିଫ ଧାନ ବିକ୍ରୟ ପାଇଁ ଚଳିତ ବର୍ଷ ପଞ୍ଜିକରଣ ହୋଇପାରୁ ନଥିବା ନେଇ ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ କରିଛନ୍ତି।ସୂଚନା ଅନୁସାରେ, ପ୍ରାୟ ୨୦ ବର୍ଷ ଧରି ଜଙ୍ଗଲ ଜମିରେ ଚାଷ କରି ଜୀବିକା ନିର୍ବାହ କରୁଥିବା ଚାଷୀମାନେ ପୂର୍ବ ବର୍ଷଗୁଡ଼ିକରେ ନିୟମିତ ଭାବେ ନାମ ପଞ୍ଜିକରଣ କରି ଟୋକନ୍ ପାଇବା ସହ ସରକାରୀ ମଣ୍ଡିରେ ଧାନ ବିକ୍ରି କରିଆସୁଥିଲେ।କିନ୍ତୁ ଚଳିତ ଖରିଫ ଋତୁରେ ଅନଲାଇନ୍ ପଞ୍ଜିକରଣ ସମସ୍ୟା ଯୋଗୁଁ ଚୁଲାଭାଟ ପଞ୍ଚାୟତର ପଣ୍ଡରିପାଣି ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ପଟ୍ଟାଧାରୀ

SEPTEMBER 01, 2026
TUESDAY, BHUBANESWAR

ସେପ୍ଟେମ୍ବର ୦୧, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

VOLUME 1 ● ISSUE- 355 ବର୍ଷ- ୧ ● ସଂଖ୍ୟା- ୩୫୫ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**ପଞ୍ଚାୟତ ଓ ପୌର ନିର୍ବାଚନ**

## ସେପ୍ଟେମ୍ବର ୩ରୁ ଭୁବନେଶ୍ୱରରେ ଆରମ୍ଭ ହେବ ପାଇଲଟ୍ ସର୍ଭେ

ଭୁବନେଶ୍ୱର, ୩୧/୦୮ : ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ଭୁଲ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟି ଗୁଡିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଆରମ୍ଭ ହେବାକୁ ଯାଉଛି । ଆସନ୍ତା ସେପ୍ଟେମ୍ବର ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୩୫ ଏବଂ ଭୁବନେଶ୍ୱର -ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୫୨ରେ ଘରକୁ ଘର ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି । ତେବେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ର ଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ ।

**ଅକ୍ଟୋବର ୨୬ରୁ ରାଜ୍ୟବ୍ୟାପୀ ଘରକୁ ଘର ବୁଲିବେ ବୁଥ ସ୍ତରୀୟ ଅଧିକାରୀ**

ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥ୍‌ରେ ସାମିଲ ଅଛନ୍ତି ତତ୍ ସହ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏହି ସର୍ଭେ ର ମୁଖ୍ୟ ଉଦ୍ଦେଶ୍ୟ । ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥ୍‌ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ । ଫଳରେ ଗୋଟିଏ ବୁଥ୍‌ରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି । ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେବାକୁ ପଡୁଛି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ । ତାହାସହିତ ଗୋଟିଏ ୱାର୍ଡ ର ମତଦାତା ମାନଙ୍କ ନାମ ବିଭିନ୍ନ ୱାର୍ଡର ଭୋଟର ତାଲିକାରେ ରହିଥିଲେ, ଏହି ସର୍ଭେ ପରେ ସେମାନେ ଗୋଟିଏ ୱାର୍ଡ ରେ ରହିପାରିବେ ଯାହା ଫଳରେ ମତଦାତାଙ୍କ ମତଦାନ ସହଜରେ ହୋଇପାରିବ । ସହରାଞ୍ଚଳରେ ଭୋଟଦାନ ହାର କମିବାର ଏହା ଏକ ପ୍ରମୁଖ କାରଣ ହୋଇଥିବାରୁ ଏହି ନୂତନ ବ୍ୟବସ୍ଥା ଜରିଆରେ ଏହାକୁ ସୁଧାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନେଇ ହୋଇଥିବା ଟିମ୍ କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି । ଏହି ଅଭିଯାନ ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ ତଥା ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି ।

# ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ନବଗଠିତ ୨୮ଟି NACରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୩୧/୦୮ ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର । ସହର ଗୁଡିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢିବାକୁ ହେବ, ଯେଉଁଠି ଯୁବ ପିଢି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ପାଳନ ଅବସରରେ କହିଛନ୍ତି । ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ




- ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା
- ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ
- ସହଯୋଗ କାର୍ଯ୍ୟକ୍ରମ ଜରିଆରେ ୭୮୬୬ ପରିବାରଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସଂଯୋଗ କରାଯାଇଛି
- ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନର ସହ ସେବା ଦିଅନ୍ତୁ
- ପୌର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟି NACରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି । ପ୍ରତ୍ୟେକ NAC ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ । ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ । ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଜି ଶୁଭାରମ୍ଭ କରିଛନ୍ତି । ଏହି ପ୍ରକଳ୍ପ ଗୁଡିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବ । ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି । ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପୌର ସଂସ୍ଥା ଗୁଡିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ସହରକୁ ଓଡିଶାର ଅର୍ଥନୈତିକ ବିକାଶର ଶକ୍ତିଶାଳୀ ଇଞ୍ଜିନ ଭାବେ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ । ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ଆଶା, ଆକାଂକ୍ଷା ଓ ଅବଶ୍ୟକତାକୁ କେନ୍ଦ୍ରରେ ରଖି ଆମେ କାମ କରୁଛୁ । ତେଣୁ, ଲୋକଙ୍କ ସହିତ ରହି, ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ ଆହ୍ୱାନ କରିଥିଲେ । ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଆଜି ଓଡିଶା ଅର୍ବାନ ଏକାଡେମୀ ସହିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, Indian ପୃଷ୍ଠା-୨

# ପ୍ରଧାନମନ୍ତ୍ରୀଙ୍କ ଉଜବେକିସ୍ତାନ ଗସ୍ତ ଅବସରରେ ଆନୁଷ୍ଠାନିକ ଆଲୋଚନା



ନୂଆଦିଲ୍ଲୀ, ୩୧/୦୮ : ଉଜବେକିସ୍ତାନ ରାଷ୍ଟ୍ରୀୟ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଜବେକିସ୍ତାନର ରାଷ୍ଟ୍ରପତି ମହାମହିମ ଶଭକାତ୍ ମିର୍ଜିୟୋୟେଭଙ୍କ ସହ ଆନୁଷ୍ଠାନିକ ଆଲୋଚନା କରିଛନ୍ତି । କୁକ୍କାରୋୟ ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି ମିର୍ଜିୟୋୟେଭ ଭବ୍ୟ ସ୍ୱାଗତ ଜଣାଇବା ସହ ଏକ ପାରମ୍ପରିକ ରାଜକୀୟ ସ୍ୱାଗତ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଜବେକିସ୍ତାନର ୩୫ତମ ସ୍ୱାଧୀନତା ଦିବସ ପାଳନ ପାଇଁ ନିଜର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି । ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କର ସମସ୍ତ ଦିଗ, ଯେପରିକି ବ୍ୟବସାୟ ଓ ନିବେଶ, ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍, ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍‌ଚର ଏବଂ ୟୁପିଆଇ, ପ୍ରତିରକ୍ଷା ଓ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଫାର୍ମାସ୍ୟୁଟିକାଲ୍ସ, ଗୁରୁତ୍ୱପୂର୍ଣ୍ଣ ଖଣିଜ, କୃଷି, ଶିକ୍ଷା, ପର୍ଯ୍ୟଟନ, ମହାକାଶ ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦାନପ୍ରଦାନ ଆଦି ବିଷୟରେ ଉଭୟ ନେତା ପ୍ରତିନିଧିମଣ୍ଡଳ ସ୍ତରରେ ବ୍ୟାପକ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ପୃଷ୍ଠା-୨

## ଖଣି ଚୋରି ଲୁଚାଇବା ପାଇଁ ବିଜେଡିର ନାଟକବାଜି: ବିଜେପି ନାରାୟଣ ତ୍ରିପାଠୀ



- ମାଫିଆଙ୍କୁ ସୁରକ୍ଷା ଦେଉଥିଲେ ନବୀନ ସରକାର
- ୨୪ ବର୍ଷରେ ବିଜୁ ବାବୁଙ୍କ ସପ୍ନ ପୂରଣ ହେଲାନି କି ?
- ଶାଗ, ମାଛ ଦରରେ ଓଡ଼ିଶାର ଖଣିଜ ସମ୍ପଦକୁ ଅଣଓଡ଼ିଆଙ୍କୁ ଟେକିଦେଇଥିଲେ

ଭୁବନେଶ୍ୱର, ୩୧/୦୮: ବିଜୁ ବାବୁଙ୍କ ନାମ ନେଇ ବିଜେଡି ଗତ ୨୪ ବର୍ଷ ଶାସନରେ ଓଡ଼ିଶାର ବିକାଶରେ କିଛି ବି କରିନାହିଁ । ଯେଉଁ ବିଜୁବାବୁଙ୍କ ନାମରେ ଦଳ ଗଠନ କରି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ ସେହି ବିଜୁବାବୁଙ୍କ ଫଟୋ ମଧ୍ୟ ବିଜେଡି ବ୍ୟାନର ବା ପତାକାରେ ସ୍ଥାନ ପାଇଲା ନାହିଁ । କୃଷି, ଶିକ୍ଷା, ପର୍ଯ୍ୟଟନ, ଖଣିଜ ସମ୍ପଦ ଓ ବନଜ ସମ୍ପଦକୁ ନେଇ ବିଜେଡି କେବଳ ପୃଷ୍ଠା-୨

**୬୫,୪୨୬ କୋଟିର ଖଣି ଡିମାଣ୍ଡ ରେକର୍ଡରେ ନାହଁ : ସିଏଜି**

# ଏମ୍‌ଏମ୍‌ଡିଆର ସଂଶୋଧନକୁ ନେଇ ବଢୁଛି ରାଜନୈତିକ ଉଷ୍ମତା

ଭୁବନେଶ୍ୱର/ରାୟଗଡା, ୩୧/୦୮ (ଗୌରୀପ୍ରସାଦ ପାତ୍ର) : କେନ୍ଦ୍ର ସରକାର ଏମଏମଡିଆର ଆଇନ ୨୦୨୬ ରେ ସଂଶୋଧନ ଆଣିଛନ୍ତି ଓ ଏହା ଯୋଗୁଁ ଖଣି କ୍ଷେତ୍ରରେ ସ୍ଥିରତା, ଆର୍ଥିକ ଓ ନିୟାମକ ବ୍ୟବସ୍ଥା କୁ ନୂଆ ଦିଗ ଦେବା ସହ ନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ ବୋଲି ସରକାର କହୁଥିବାବେଳେ, ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ମାନଙ୍କ ରାଜସ୍ୱ ସାର୍ଥକୁ ନେଇ ନୂଆ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ପୂର୍ବରୁ ଓଡ଼ିଶାର ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ ଓ ବକେୟା ଟଙ୍କା ଉଦ୍ଧାର ବ୍ୟବସ୍ଥାକୁ ନେଇ ସିଏଜି ତାଙ୍କ ରିପୋର୍ଟ ରେ ଉଲ୍ଲେଖ କରିଛନ୍ତି ଓ ଯାହାକୁ ନେଇ ରାଜନୈତିକ ଚର୍ଚ୍ଚା ଏବେ ପୁଣି ତୀବ୍ର ହୋଇଛି ଓ ୨୦୧୭ ମସିହା ର ରାଜସ୍ୱ କ୍ଷେତ୍ର ଉପରେ ଆଧାରିତ ସିଏଜିଙ୍କ ଏହି ରିପୋର୍ଟ ଏବେ ରାଜନୈତିକ ମାହୋଲ କୁ ଆହୁରି ସରଗରମ କରିଦେଇଛି ଓ ଗୋଟିଏ ପଟେ ବିରୋଧୀ ଏହି ସଂଶୋଧିତ ଆଇନ କୁ ନେଇ କେନ୍ଦ୍ର ତଥା ରାଜ୍ୟ ର ଡବଲ ଇଞ୍ଜିନ ସରକାର କୁ ଘେରିବା ପାଇଁ ପ୍ରସ୍ତୁତ ଥିବା ବେଳେ ପୂର୍ବ ସରକାର ଙ୍କ ସମୟରେ ଖଣି ରାଜସ୍ୱ ଆଦାୟ ଏବଂ ପରିଚାଳନା ଗତ ତ୍ରୁଟି କୁ ନେଇ ବିରୋଧୀ ଙ୍କ ଉପରେ ପାଲଟା ଆକ୍ରମଣ କରିଛି ଭାଜପା । ପ୍ରକାଶ ଥାଉକି ଡେଡ୍ ରେଣ୍ଟ, ସର୍ଫେସ୍ ରେଣ୍ଟ ଏବଂ ରୟାଲଟି ପ୍ରଦାନ ନକରିବା ସହ ସମ୍ବନ୍ଧିତ ୩୨ଟି ଡିଫଲ୍ଟି ମାମଲା ରେ ଆଦାୟ ଯୋଗ୍ୟ ୭.୧୬ କୋଟି ଟଙ୍କା ୨୦୦୯-୧୦ ରୁ ୨୦୧୫-୧୬ ପର୍ଯ୍ୟନ୍ତ ଆଦାୟ ହୋଇନଥିଲା । ତେବେ ଏହି ବକେୟା ରାଜସ୍ୱ ଆଦାୟ ପାଇଁ ସମ୍ପୃକ୍ତ ଡିଫଲ୍ଟର ଲିଜ୍‌ଧାରୀମାନଙ୍କ ବିରୋଧରେ ସାର୍ଟିଫିକେଟ୍ ମାମଲା ମଧ୍ୟ ରୁଜୁ କରାଯାଇନଥିଲା



ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାରର ସୁରକ୍ଷା ଯେତିକି ଆବଶ୍ୟକ, ସେହି ସମ୍ପଦରୁ ରାଜ୍ୟ ପାଇବାକୁ ଥିବା ପ୍ରତ୍ୟେକ ଟଙ୍କାର ସୁରକ୍ଷା ଓ ସୁପରିଚାଳନା ମଧ୍ୟ ସେତିକି ଆବଶ୍ୟକ । ଏହି ଦୁଇଟିରେ କୌଣସି ଗୋଟିଏକୁ ମଧ୍ୟ ରାଜନୈତିକ ସୁବିଧା ଅନୁସାରେ ଅଣଦେଖା କରାଯାଇପାରିବ ନାହିଁ ଏବଂ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେଇ ଏହି ଆଇନରେ ସଂଶୋଧନ କରିଛନ୍ତି ।

**କୃଷ୍ଣ ଚନ୍ଦ୍ର ପାତ୍ର**
**ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ଓଡିଶା ସରକାର**

- ୬୫ ହଜାର କୋଟିର ଖଣି ରାଜସ୍ୱ ରେକର୍ଡରୁ ଗାଏବ
- ଓଡ଼ିଶା ହିତକୁ ନେଇ ବିରୋଧୀଙ୍କ ରାଜନୀତି
- ପୂର୍ବ ରାଜସ୍ୱ ଆଦାୟ ଓ ପରିଚାଳନା ନେଇ ପ୍ରଶ୍ନବାଚୀ



'ଓଡ଼ିଶା ଭଳି ଖଣିଜ ସମ୍ପଦଶାଳୀ ରାଜ୍ୟ ପାଇଁ ଓଡ଼ିଶାର ରାଜସ୍ୱ, ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଏବଂ ଶେଷ ପର୍ଯ୍ୟନ୍ତ ଜନସାର୍ଥ ସହ ଜଡ଼ିତ ପ୍ରଶ୍ନ ହିଁ ଏହାର ପ୍ରାଥମିକତା ରହିବା ଆବଶ୍ୟକ । ତେଣୁ ଏହି ସମ୍ପଦ ବଦଳରେ ରାଜ୍ୟ ପାଇବାକୁ ଥିବା ରାଜସ୍ୱର ପ୍ରତ୍ୟେକ ଟଙ୍କାର ସଠିକ ହିସାବ ଏବଂ ଦୃଢ଼ ଆଦାୟ ବ୍ୟବସ୍ଥା ହିଁ ଖଣି କ୍ଷେତ୍ରର ପ୍ରକୃତ ସଂସ୍କାର ହେବ ।'

**ଜିତୁ ଜାକାଶିକା**
**ରାଜ୍ୟ ପ୍ରଭାରୀ, ବହୁଜନ ସମାଜ ପାର୍ଟି, ଓଡିଶା**

ଦୁଇ ଥର ଶୁଣାଣି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ପ୍ରକାର ଉତ୍ତର ଦାଖଲ କରାଯାଇ ନଥିଲା । ବିଭାଗ ପକ୍ଷରୁ ଆବଶ୍ୟକ ପ୍ରତିନିଧିତ୍ୱ ଏବଂ ମନ୍ତବ୍ୟ ଦାଖଲ ନହେବାରୁ (ଆର.ଏ) ଡିମାଣ୍ଡ ନୋଟିସ ଉପରେ ସ୍ଥଗିତାଦେଶ ଜାରି କରିଥିଲେ । ପୁନଶ୍ଚ ଫେବୃଆରୀ ୨୦୧୬ ରେ ମାମଲା ଗୁଡ଼ିକର ଚୂଡ଼ାନ୍ତ ଶୁଣାଣି ଧାର୍ଯ୍ୟ କରାଯାଇଥିଲା । ଓଡିଶା ଖଣି ନିୟମ ୨୦୦୭ ବ୍ୟବସ୍ଥା ଅନୁଯାୟୀ ପୁନଃସମୀକ୍ଷା କରିବା ଲାଗି ମାମଲା ଗୁଡ଼ିକୁ ପୁନର୍ବାର ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଥିଲା ଓ ଏହି ନିର୍ଦ୍ଦେଶ ଜାରି ହେବାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହାକୁ ପାଳନ କରାଯାଇନଥିଲା । ଫଳସ୍ୱରୂପ, ୧୧୨.୦୨ କୋଟି ଟଙ୍କାର ବକେୟା ଡିମାଣ୍ଡ ଅଟକି ରହିଥିଲା ।

ଅନୁରୂପ ଭାବେ ଯୋଡ଼ା ମାଇନିଂ ସର୍କଲ୍ ଅଧୀନରେ ସେପ୍ଟେମ୍ବର ୨୦୧୨ ରୁ ମେ ୨୦୧୪ ମଧ୍ୟରେ ପାଞ୍ଚଟି ମାମଲାରେ ୫୧୦୩.୪୩ କୋଟି ଟଙ୍କାର ଡିମାଣ୍ଡ ନୋଟିସ କରାଯାଇଥିଲା । ୨୦୦୧ ରୁ ୨୦୧୦ ପୃଷ୍ଠା-୨

'ଭବିଷ୍ୟତରେ ରାଜସ୍ୱ ହରାଇବାର ଆଶଙ୍କା ଦେଖାଇ ଯେଉଁମାନେ ଆଦିବାସୀ ମାନଙ୍କୁ ଭ୍ରମିତ କରୁଛନ୍ତି ଓ ରାଜ୍ୟବାସୀଙ୍କ ସାର୍ଥର କଥା କହୁଛନ୍ତି, ସେମାନେ ସେତେବେଳେ କାହିଁକି ଦ୍ରୁତ ନିଷ୍ପତ୍ତି ଓ ବୋକେୟା ଆଦାୟ ପାଇଁ ଅଧିକ କଠୋର ପ୍ରଶାସନିକ ଓ ଆଇନଗତ ବ୍ୟବସ୍ଥା ସୁନିଶ୍ଚିତ କାହିଁକି କରିପାରିଲେ ନାହିଁ ?' ଯେଉଁମାନେ ଆଜି ଓଡ଼ିଶାର ଖଣିଜ ରାଜସ୍ୱ ସୁରକ୍ଷାକୁ ନେଇ ରାଜନୈତିକ ରୋଟି ସେକିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଦୀର୍ଘ ସମୟ ଧରି ରାଜ୍ୟରେ କ୍ଷମତାରେ ଥିବା ବେଳେ ପୂର୍ବରୁ ଦାବି କରାଯାଇଥିବା ବିପୁଳ ରାଜସ୍ୱକୁ ରକ୍ଷା କରିବାରେ କ'ଣ କରିଥିଲେ ।



**ବସନ୍ତ ଉଲାକା**
**ଭାଜପା ଆଦିବାସୀ ମୋର୍ଚ୍ଚା ରାଜ୍ୟ ଉପସଭାପତି**

''ଏହି ସଂଶୋଧିତ ଆଇନକୁ ନେଇ ଆଲୋଚନା କେବଳ ଓଡ଼ିଶା କେତେ ପ୍ରତିଶତ ଖଣିଜ ରାଜସ୍ୱ ପାଇବ, ସେହି ପ୍ରଶ୍ନରେ ସୀମିତ ରହିବା ଉଚିତ ନୁହେଁ । ବରଂ, ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶା ପରି ରାଜ୍ୟଗୁଡ଼ିକର ସାମ୍ବିଧାନିକ, ଆର୍ଥିକ ଓ କର ଆଦାୟ ସମ୍ପର୍କିତ ଅଧିକାର କେତେଦୂର ସୁରକ୍ଷିତ ରହୁଛି । ଏହା ସହ ପୂର୍ବ ସରକାରଙ୍କ ସମୟରେ ଅନାଦୃତ ରହିଥିବା ହଜାର ହଜାର କୋଟି ଟଙ୍କାର ଖଣିଜ ବକେୟା ଓ ଖଣି ପ୍ରଭାବିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଡିଏମଏଫ୍ ପାଣ୍ଠିର ବ୍ୟବହାର ନେଇ ମଧ୍ୟ ସମ୍ପୂର୍ଣ୍ଣ ହିସାବ ଓ ଉତ୍ତରଦାୟତ୍ୱ ନିଶ୍ଚିତ ହେବା ଦରକାର ।''



**ସପ୍ତଗିରି ଉଲାକା**
**ସାଂସଦ, କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ର**




**ଡ.ଗିରୀଶ ରଂଜନ**

ଚାରି ଆଡ଼େ ଦେଖ ଲାଞ୍ଚ କାର ବାର
ଅଫିସର ମାଲା ମାଲ୍
ମନ୍ତ୍ରୀ କହୁଛନ୍ତି ଆମ ଭାଗ କାହିଁ
ଇଏ ଅଫିସରଙ୍କର ଚାଲ୍
ଜନତା କରେ

''ଆଳସ୍ୟ ହି ମନୁଷ୍ୟାଣାଂ ଶରୀର ସ୍ଥୋ ମହାନ୍ ରିପୁଃ।
ନାସ୍ତ୍ୟୁଦ୍ୟମସମୋ ବନ୍ଧୁଃ କୁର୍ବାଣୋ ନାବସୀଦତି।।''

ଭାବାର୍ଥ | ଆଳସ୍ୟ ଅଟେ ମଣିଷ ପାଇଁ ସବୁଠୁ ବଡ଼ ଅରି,
ଉଦ୍ୟମ ଦିନା ବନ୍ଧୁ ପରମ ନିଅର କ୍ଲାନ୍ତି ହରି।

ମଙ୍ଗଳବାର ୧୮।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା



**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ରଣନୈତିକ ଗୁରୁତ୍ୱ ଓ ସନ୍ତୁଳିତ ବିକାଶର ପ୍ରକୃଷ୍ଟ ଉଦାହରଣ ସାଜୁଛି

ଗ୍ରେଟ୍ ନିକୋବର ପ୍ରକଳ୍ପର ଲକ୍ଷ୍ୟ ହେଉଛି, ନିକୋବରକୁ ପୂର୍ବ-ପାଶ୍ଚାତ୍ୟ ସାମୁଦ୍ରିକ ପରିବହନ ମାର୍ଗକୁ ଅଧିକ ନିକଟତର (ପ୍ରାୟ ୪୦ ନଟିକାଲ୍ ମାଇଲ୍) କରାଇ ରଣନୀତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଗଢ଼ି ତୋଳିବା, ଏବଂ ପ୍ରତିରକ୍ଷା ତଥା ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦେଶୀ ଟ୍ରାନ୍‌ସସିପମେଣ୍ଟ ବନ୍ଦର ଉପରେ ନିର୍ଭରଶୀଳତା ହ୍ରାସ କରିବା । ଏହିକ୍ରମରେ ଏଠାରେ ଏକ ୧୪.୨ ମିଲିୟନ୍ ଟେ୍ୱଣ୍ଟି-ଫୁଟ୍ ଇକ୍ୟୁଭାଲେଣ୍ଟ ୟୁନିଟ୍ (ଏମ୍‌ଟିଇୟୁ) ଆନ୍ତର୍ଜାତିକ କଣ୍ଟେନର ଟ୍ରାନ୍‌ସସିପମେଣ୍ଟ ଟର୍ମିନାଲ୍, ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର (୪୦୦୦ ପିକ୍ ଆୱାର ପାସେଞ୍ଜର-ପିଏଚ୍‌ପି), ଏକ ୪୫୦ ଏମଭିଏ ଗ୍ୟାସ୍-ସୌର ଶକ୍ତି ପ୍ଲାଣ୍ଟ ଏବଂ ଏକ ଯୋଜନାବଦ୍ଧ ଟାଉନସିପ୍ ନିର୍ମାଣ ପ୍ରଭୃତି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି । ଏହି ବିକାଶ ପ୍ରକ୍ରିୟା ଏକ ନିୟନ୍ତ୍ରିତ ପରିବେଶ ଢାଞ୍ଚା ଅନୁସରଣ କରେ। ଦ୍ୱୀପର ୧.୮୨% ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ୯୭.୩୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ କ୍ଷତିପୂରଣମୂଳକ ବନୀକରଣ ପାଇଁ ଯୋଜନା କରାଯାଇଛି । ଆଦିବାସୀ କଲ୍ୟାଣ ଏହି ପ୍ରକଳ୍ପର କେନ୍ଦ୍ରବିନ୍ଦୁ । ଏଣୁ ଏଠାରେ ରହୁଥିବା ସୋମ୍ପେନ୍ ଏବଂ ନିକୋବରୀ ସମ୍ପ୍ରଦାୟ ପାଇଁ କୌଣସି ବିସ୍ଥାପନ ପ୍ରସ୍ତାବ ନାହିଁ ଏବଂ ପୁନଃ-ବିଜ୍ଞପ୍ତି ମାଧ୍ୟମରେ ବିଜ୍ଞପ୍ତିଭୁକ୍ତ ଆଦିବାସୀ ସଂରକ୍ଷିତ ଅଞ୍ଚଳରେ ନିଟ୍ ବୃଦ୍ଧି କରାଯାଇଛି

ଗ୍ରେଟ୍ ନିକୋବର ପ୍ରକଳ୍ପ ହେଉଛି ଏକ ରଣନୈତିକ ପ୍ରକଳ୍ପ ଯାହା ଆଣ୍ଡାମାନ ସାଗର ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଭାରତର ଉପସ୍ଥିତିକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପ ବନ୍ଦର-ଭିତ୍ତିକ ଅଭିବୃଦ୍ଧି ସହିତ ପରିବେଶ ସୁରକ୍ଷା ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପ୍ରୟାସ କରିଛି । ରଣନୈତିକ, ଅର୍ଥନୈତିକ ଏବଂ ପରିବେଶ ସମ୍ବନ୍ଧୀୟ ପ୍ରାଥମିକତାଗୁଡ଼ିକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଗ୍ରେଟ୍ ନିକୋବରର ସତତ ବିକାଶ ସାଧନ ସହ ଏବଂ ଜାତୀୟ ସାର୍ଥ ରକ୍ଷା ପାଇଁ ଚେଷ୍ଟିତ ।

ଏହି ପ୍ରକଳ୍ପ ମାଧ୍ୟମରେ: ଏକ ୧୪.୨ ମିଲିୟନ୍ ଟିଇୟୁ (ଟେ୍ୱଣ୍ଟି-ଫୁଟ୍ ଇକ୍ୟୁଭାଲେଣ୍ଟ ୟୁନିଟ୍) କ୍ଷମତା ବିଶିଷ୍ଟ ଆନ୍ତର୍ଜାତିକ କଣ୍ଟେନର ଟ୍ରାନ୍‌ସସିପମେଣ୍ଟ ଟର୍ମିନାଲ୍ (ଆଇସିଟିଟି) ସ୍ଥାପନ ସହ ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର (୪୦୦୦ ପିକ୍ ଆୱାର ପାସେଞ୍ଜର-ପିଏଚ୍‌ପି), ଏକ ୪୫୦ ଏମ୍‌ଭିଏ (ମେଗାଭୋଲ୍ଟ ଆମ୍ପିୟର) ଗ୍ୟାସ୍ ଏବଂ ସୌରଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର, ଏବଂ ୧୬,୬୧୦ ହେକ୍ଟର ଅଞ୍ଚଳରେ ବ୍ୟାପ୍ତ ଏକ ନୂତନ ଟାଉନସିପ୍ ନିର୍ମାଣ ଲକ୍ଷ୍ୟ ରଖାଯାଇଛି ।

ଏହି ବିକାଶ ଏକ ସମ୍ବେଦନଶୀଳ ଏବଂ ସାମଗ୍ରିକ ଦୃଷ୍ଟିକୋଣ ଅନୁସରଣ କରେ । ଏହା ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଆବଶ୍ୟକତାକୁ ବିଚାରକୁ ନିଏ ଏବଂ ଦ୍ୱୀପର ପରିବେଶ ସମ୍ପଦକୁ ସୁରକ୍ଷିତ ରଖିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ସାମାଜିକ, ସାଂସ୍କୃତିକ ଏବଂ ପରିବେଶଗତ ପ୍ରଭାବକୁ ସତର୍କତାର ସହ ମୂଲ୍ୟାଙ୍କନ କରେ ଏବଂ ପରିବେଶ, ସାମାଜିକ ତଥା ଅର୍ଥନୈତିକ ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରୁଥିବା ବିକଳ୍ପଗୁଡ଼ିକୁ ପ୍ରାଥମିକତା ଦିଏ ।

ଗ୍ରେଟ୍ ନିକୋବର ପ୍ରକଳ୍ପର ମୁଖ୍ୟ ଭିତ୍ତିଭୂମି: ୧. ଆନ୍ତର୍ଜାତୀୟ କଣ୍ଟେନର ଟ୍ରାନ୍‌ସସିପମେଣ୍ଟ ଟର୍ମିନାଲ୍: ଭାରତର ବନ୍ଦରଗୁଡ଼ିକରେ ବଡ଼ ଜାହାଜ ପାଇଁ ଗଭୀର ଜଳ ସୁବିଧାର ଅଭାବ ରହିଛି । ଏହି କାରଣରୁ, ମାଲ ପରିବହନ କଲମ୍ବୋ ଏବଂ ସିଙ୍ଗାପୁର ଦେଇ ହୋଇଥାଏ । ଏହାର ପରିଣାମ ସ୍ୱରୂପ ଭାରତ ବହୁ ପରିମାଣର ରାଜସ୍ୱ ହରାଏ । ମିଆଁମାର, ଚୀନ୍ ଏବଂ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ଏହି ବାଣିଜ୍ୟକୁ ହାସଲ କରିବା ପାଇଁ ପୂର୍ବରୁ ହିଁ ଗଭୀର ଜଳ ସୁବିଧା ନିର୍ମାଣ କରୁଛନ୍ତି । ଏହି ପ୍ରସଙ୍ଗରେ, 'ଦ୍ୱୀପ ବିକାଶ କାର୍ଯ୍ୟକ୍ରମ' ଅଧୀନରେ ଗ୍ରେଟ୍ ନିକୋବର ଦ୍ୱୀପର ସାମଗ୍ରିକ ବିକାଶର ଏକ ଅଂଶ ଭାବରେ ଗାଲାଥିଆ ବେ'ଠାରେ ଆନ୍ତର୍ଜାତିକ କଣ୍ଟେନର ଟ୍ରାନ୍‌ସସିପମେଣ୍ଟ ପୋର୍ଟ ନିର୍ମାଣ କରାଯାଉଛି । ପ୍ରସ୍ତାବିତ ବିମାନବନ୍ଦର, ଟାଉନସିପ୍ ଏବଂ ପାୱାର ପ୍ଲାଣ୍ଟ ସହିତ ଗାଲାଥିଆ ବେ ଟ୍ରାନ୍‌ସସିପମେଣ୍ଟ ପୋର୍ଟ ଏହି ଗ୍ରେଟ୍ ନିକୋବର ପ୍ରକଳ୍ପର ଏକ ପ୍ରମୁଖ ଭିତ୍ତିଭୂମି ଉପାଦାନ । ଏହି ବନ୍ଦର ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପ୍ରାଚ୍ୟ-ପାଶ୍ଚାତ୍ୟ ଆନ୍ତର୍ଜାତିକ ଜଳପଥର ଅତି ନିକଟରେ (ପ୍ରାୟ ୪୦ ନଟିକାଲ୍ ମାଇଲ୍ ଦୂରରେ) ଅବସ୍ଥିତ ଏବଂ ଏହାର ପ୍ରାକୃତିକ ଜଳର ଗଭୀରତା ୨୦ ମିଟରରୁ ଅଧିକ ହେବ । ଏହି ରଣନୈତିକ ଅବସ୍ଥିତି ଏହାକୁ ଗେଟୱେ ଏବଂ ଟ୍ରାନ୍‌ସସିପମେଣ୍ଟ ଉଭୟ ପ୍ରକାରର ମାଲକୁ ଆକର୍ଷିତ କରିବା ସହ କଲମ୍ବୋ, ସିଙ୍ଗାପୁର ଏବଂ କ୍ଲାଙ୍ଗ ଭଳି ବିଦେଶୀ ବନ୍ଦର ଉପରେ ଭାରତର ନିର୍ଭରଶୀଳତାକୁ ହ୍ରାସ କରିବାରେ ସହାୟକ ହେବ । ଏହି ପ୍ରକଳ୍ପଟି ଭାରତର ଜାତୀୟ ସୁରକ୍ଷା, ରଣନୈତିକ ଏବଂ ପ୍ରତିରକ୍ଷା ଉପସ୍ଥିତିକୁ ବୃଦ୍ଧି କରିବା, ଦ୍ୱୀପପୁଞ୍ଜର ଅର୍ଥନୈତିକ ସ୍ଥିତିକୁ ସଦୃଢ଼ କରିବା ଏବଂ ଏହି ଅଞ୍ଚଳରେ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

ଗ୍ରୀନଫିଲ୍ଡ ଆନ୍ତର୍ଜାତିକ ବିମାନବନ୍ଦର: ଏହି ଦ୍ୱୀପରେ ବିଶ୍ୱସ୍ତରୀୟ ପ୍ରାକୃତିକ ପରିବେଶ ଓ ସମ୍ପଦ ରହିଛି ଯାହା ଆନ୍ତର୍ଜାତିକ ଏବଂ ଭାରତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ପର୍ଯ୍ୟଟନ ପାଇଁ ଦ୍ୱୀପକୁ ଉନ୍ମୁକ୍ତ କରିବା ଉଦ୍ଦେଶ୍ୟରେ ଏକ ଆନ୍ତର୍ଜାତୀୟ ବିମାନବନ୍ଦର ଆବଶ୍ୟକ ।

# ଏଫସିଆରଏ ସଂଶୋଧନ ବିଧେୟକ, ୨୦୨୬

ଗତ ମାର୍ଚ୍ଚ ମାସ ୨୫ ତାରିଖରେ ଏଫସିଆରଏ ସଂଶୋଧନ ବିଧେୟକ, ୨୦୨୬ ସଂସଦରେ ଆଗତ ହେବାରଥିଲା । ଗତ ମୌସୁମୀ ଅଧିବେଶନରେ ଏହା ଉପରେ ଲୋକସଭାରେ ବିସ୍ତୃତ ଆଲୋଚନା ହେବାରଥିଲା । କିନ୍ତୁ ସଂସଦୀୟ ବିରୋଧ ହେତୁ ବିଲଟିକୁ ଯୁଗ୍ମ ସଂସଦୀୟ କମିଟି ନିକଟକୁ ଗହନ ପରୀକ୍ଷା ପାଇଁ ପଠାଯାଇଅଛି । ସେଠୁ ରିପୋର୍ଟ ପ୍ରାପ୍ତ ହେବାପରେ ଆସନ୍ତା ଶୀତକାଳୀନ ଅଧିବେଶନରେ ତା ଉପରେ ଆଲୋଚନା ହେବ । ଏହା ଭାରତ ସରକାରଙ୍କ ଦ୍ୱାରା ୧୯୭୬ ମସିହା ଜରୁରୀକାଳୀନ ପରିସ୍ଥିତିରେ ପ୍ରଣୀତ ଏକ ସତନ୍ତ୍ର କାନୁନ ଯାହା ମୁଖ୍ୟତଃ ବିଦେଶରୁ ଆସୁଥିବା ଧନରାଶି କିମ୍ବା ଅନୁଦାନକୁ ନିୟନ୍ତ୍ରଣ କରିଥାଏ । ବିଦେଶାଗତ ଆର୍ଥିକ୍ ଅନୁଦାନ କିଭଳି ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ନକରିବ ତାକୁ ଯାଞ୍ଚ କରିବା ଏହି କାନୁନର ମୁଖ୍ୟ ଉଦ୍ଦେଶ୍ୟ । କୌଣସି ବେସରକାରୀ ଅନୁଷ୍ଠାନ, ଟ୍ରଷ୍ଟ, ଚର୍ଚ୍ଚ, ମନ୍ଦିର, ମସଜିଦ, ସ୍କୁଲ, ହସ୍ପିଟାଲ କିମ୍ବା ସାମାଜିକ, ସାଂସ୍କୃତିକ, ଧାର୍ମିକ ସଂସ୍ଥାକୁ ବିଦେଶୀ ଅନୁଦାନ ନେବାରେ ପ୍ରତିବନ୍ଧକ ନାହିଁ । କିନ୍ତୁ ତାଙ୍କୁ କିଛି ନିୟମର ଅନୁପାଳନ କରିବା ଅନିବାର୍ଯ୍ୟ ଅଟେ । ଯେପରିକି ଅନୁଦାନ ରାଶି କିଏ ଦେଲା, କେତେ ଦେଲା, କାହିଁକି ଦେଲା, ଏସବୁର ବ୍ୟବହାର କେଉଠି ଓ କେଉ କାର୍ଯ୍ୟ ପାଇଁ ହେବ ଇତ୍ୟାଦି ସାର୍ବଜନୀନ କରିବା ଜରୁରୀ । ଏପରି ନୁହେଁ ଯେ ବର୍ତ୍ତମାନର ସରକାର ପ୍ରଥମ ଥର ପାଇଁ ଏହି କାନୁନରେ ସଂଶୋଧନ ଆଣୁଛନ୍ତି । ୧୯୮୪ ମସିହାରେ ଏହାର ପ୍ରଥମ ସଂଶୋଧନ ହୋଇଥିଲା । ଫରେନ ଫଣ୍ଡିଙ୍ଗ ପାଇଁ ବେସରକାରୀ ଅନୁଷ୍ଠାନ କିମ୍ବା ଧାର୍ମିକ ସଂସ୍ଥାର ପଞ୍ଜିକରଣକୁ ଏହି ସଂଶୋଧନରେ ବାଧ୍ୟତାମୂଳକ କରାଯାଇଥିଲା । ୨୦୧୦ ମସିହାରେ ୟୁପିଏ ସରକାରଙ୍କ ସମୟରେ ଏହି କାନୁନ ଦ୍ୱିତୀୟ ଥର ପାଇଁ ସଂଶୋଧିତ ହୋଇଥିଲା ଓ ପଞ୍ଜିକରଣର ସମୟ ଅବଧିକୁ ପାଞ୍ଚ ବର୍ଷ ରଖାଯାଇଥିଲା । ଯେଉମାନେ ଏହି ନିୟମର ଖିଲାପି କରିବେ ତାଙ୍କର ପଞ୍ଜିକରଣ ବାତିଲ ହେବାର ପ୍ରାବଧାନ ରଖାଗଲା । ବର୍ତ୍ତମାନର ସରକାର ମଧ୍ୟ ଏହି ନିୟମକୁ ଦୁଇ ଥର ସଂଶୋଧନ କରିଛନ୍ତି । ୨୦୨୦ ରେ ପ୍ରଥମ ଓ ୨୦୨୨ ରେ ଦ୍ୱିତୀୟ ସଂଶୋଧନ ।

ତେବେ, ଏଫସିଆରଏ ସଂଶୋଧନ ବିଧେୟକ, ୨୦୨୬ ରେ କଣ ସବୁ ପ୍ରସ୍ତାବ ରହିଛି ? ସଂସଦରେ ଆଲୋଚନା ପୂର୍ବରୁ କାହିଁକି ଏହି ବିଲକୁ ବିରୋଧ କରାଯାଉଅଛି ? ଆମେରିକା ରିପବ୍ଲିକାନ୍ ପାର୍ଟିର ଜନୈକ ସାଂସଦଙ୍କ ଏଫସିଆରଏ ସଂଶୋଧନ ବିଧେୟକ, ୨୦୨୬ ବିରୋଧୀ ମନ୍ତବ୍ୟ ପଛର ରହସ୍ୟ କଣ ? ଏଭଳି ଅନେକ ପ୍ରଶ୍ନ ମନରେ ଉଙ୍କିମାରେ । ସରକାର ଏହି ବିଲରେ ଥିବା ସଂଶୋଧିତ ପ୍ରାବଧାନର ଦୂରୁପଯୋଗ କରିପାରନ୍ତି ବୋଲି କେତକେ ଆଶଙ୍କା ପ୍ରକଟ କରନ୍ତି । ଏହି ବିଧେୟକ ଭାରତ - ଆମେରିକା ଦ୍ୱିପାକ୍ଷିକ ସମ୍ପର୍କରେ ଫାଟ ସୃଷ୍ଟି କରିପାରେ ବୋଲି ରାଷ୍ଟ୍ରପତି ଟ୍ରମ୍ପଙ୍କ ଜନୈକ ସାଂସଦଙ୍କ ଟିପ୍‌ପଣୀର କୌଣସି ଯୌକ୍ତିକତା ନାହିଁ ବୋଲି ପ୍ରତୀୟମାନ ହୁଏ । ତାଙ୍କର କଥିତାନୁସାରେ ଏହି ବିଲ ପାରିତ ହେଲେ ଚର୍ଚ୍ଚମାନଙ୍କର ନିୟନ୍ତ୍ରଣ ସରକାରଙ୍କ ହାତକୁ ଚାଲିଯିବ ଯାହା ବଳିଷ୍ଠ ପୃଷ୍ଠଭୂମିବିହୀନ ।

ଏଫସିଆରଏ ସଂଶୋଧନ ବିଧେୟକ, ୨୦୨୬ ର ପ୍ରମୁଖ ପ୍ରସ୍ତାବ ବିନ୍ଦୁମାନଙ୍କ ଉପରେ ଏକ ବିଶେଷ ବିବରଣୀ ନିମ୍ନମତେ ପ୍ରସ୍ତୁତ କରାଗଲା । ବିଦେଶୀ ଫଣ୍ଡିଙ୍ଗ ନେଉଥିବା ସଂସ୍ଥା କିମ୍ବା ଅନୁଷ୍ଠାନ ଯଦି ବନ୍ଦ ହୁଏ ତେବେ, ତାଙ୍କ ସମସ୍ତ ସମ୍ପତ୍ତି ଡେଜିଗ୍ରେଟେଡ୍ ଅଥରିଟିଙ୍କ ଅଧିକାରକୁ ଯିବ । ଏ ସଂକ୍ରାନ୍ତରେ ବିରୋଧୀଙ୍କ ଆରୋପ ହେଲା ସରକାର ଜାଣିଶୁଣି ବିଦେଶୀ ଅନୁଦାନ କିମ୍ବା ଆର୍ଥିକ୍ ସହାୟତା ନେଉଥିବା ସଂସ୍ଥାମାନଙ୍କ ଲାଇସେନ୍ସ ବାତିଲ କରି ସବୁ ସମ୍ପତ୍ତି ତାଙ୍କ ଅଧୀନକୁ ନେବାର ଚକ୍ରାନ୍ତ କରିପାରନ୍ତି । ସରକାରଙ୍କ ସ୍ପଷ୍ଟୀକରଣ ହେଲା ବାତିଲ ଲାଇସେନ୍ସ ବାହାଲ ହେଲେ ସମସ୍ତ ସମ୍ପତ୍ତି ପୁନଃ ସମ୍ପୃକ୍ତ ସଂସ୍ଥାକୁ ଫେରସ୍ତ ହେବ । ପରନ୍ତୁ ଯଦି ଲାଇସେନ୍ସ ସବୁଦିନ ପାଇଁ ରଦ୍ଦ ହୁଏ ତେବେ ସମ୍ପୃକ୍ତ ସଂସ୍ଥାର ସମସ୍ତ ସମ୍ପତ୍ତି



**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ସର୍ବସାଧାରଣଙ୍କ ପାଇଁ ବ୍ୟବହୃତ ହେବ ଓ କୌଣସି ପରିସ୍ଥିତିରେ ସଂସ୍ଥାର ଧାର୍ମିକ ସ୍ୱରୂପରେ ପରିବର୍ତ୍ତନ ହେବନାହିଁ ।

କୌଣସି ଅନୁଷ୍ଠାନ, ଟ୍ରଷ୍ଟ ଅଥବା ସଂସ୍ଥା ପାଞ୍ଚ ବର୍ଷ ପରେ ଯଦି ତାଙ୍କ ଲାଇସେନ୍ସ ନବୀକରଣ ନକରନ୍ତି ତେବେ ପୁରୁଣା ଲାଇସେନ୍ସ ଆପେ ଆପେ ରଦ୍ଦ ହୋଇଯିବ । ବିଦେଶୀ ଆର୍ଥିକ୍ ଅନୁଦାନ ବା ଧନରାଶି ନେଇ ଦୁଇବର୍ଷ ମଧ୍ୟରେ ଯଦି ସମ୍ପୃକ୍ତ ସଂସ୍ଥା ଅତିକମରେ ଦଶ ଲକ୍ଷ ଟଙ୍କା ବିନିଯୋଗ କରିବାରେ ଅସମର୍ଥ ହୁଏ ତେବେ ତାଙ୍କ ଲାଇସେନ୍ସ ରଦ୍ଦ ହେବ । ଏହାଦ୍ୱାରା ଡ଼ମି ଅନୁଷ୍ଠାନ ଉପରେ ଲଗାମ ଲାଗିପରିବ ।

କୌଣସି ବେସରକାରୀ ଅନୁଷ୍ଠାନ କିମ୍ବା ସଂସ୍ଥା ତାଙ୍କୁ ମିଳିଥିବା ବିଦେଶୀ ଆର୍ଥିକ୍ ଅନୁଦାନ ଅନ୍ୟ କୌଣସି ବେସରକାରୀ ଅନୁଷ୍ଠାନ କିମ୍ବା ସଂସ୍ଥାକୁ କୌଣସି ହାଲତରେ ହସ୍ତାନ୍ତର କରିପାରିବେନାହିଁ ।

ବିଦେଶୀ ଆର୍ଥିକ୍ ଅନୁଦାନ ନେଉଥିବା ଅନୁଷ୍ଠାନ କିମ୍ବା ସଂସ୍ଥା କେଉ ଦେଶର କେଉ ସଂସ୍ଥାରୁ କେତେ ଧନରାଶି କେଉ ଉଦ୍ଦେଶ୍ୟରେ କେଉ ରାଜ୍ୟର କେଉ କାର୍ଯ୍ୟ ପାଇଁ ପ୍ରାପ୍ତ ହେଲା ତାହାର ସବିଶେଷ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବା ଅନିବାର୍ଯ୍ୟ ଅଟେ । ଗୋଟିଏ ରାଜ୍ୟର କାର୍ଯ୍ୟ ପାଇଁ ଆସିଥିବା ବିଦେଶୀ ଧନରାଶିଅନ୍ୟ ରାଜ୍ୟକୁ ହସ୍ତାନ୍ତର କରିବା ମଧ୍ୟ ସମ୍ପୂର୍ଣ୍ଣ ନିଷେଧ ।

ଧାର୍ମିକ କାର୍ଯ୍ୟ, ଧାର୍ମିକ ଶିକ୍ଷା, ଗରୀବଙ୍କୁ ସାହାଯ୍ୟ, ସ୍କୁଲ, କଲେଜ, ଡାକ୍ତରଖାନା ଇତ୍ୟାଦି ନିର୍ମାଣ ସକାଶେ ବିଦେଶୀ ଫଣ୍ଡିଙ୍ଗ ନେବାରେ କୌଣସି ବାଧା ନାହିଁ । ଏ ସଂକ୍ରାନ୍ତରେ ସରକାର ଏକ ସୂଚୀ ମଧ୍ୟ ପ୍ରସ୍ତୁତ କରିଛନ୍ତି । କିନ୍ତୁ ବିଦେଶରୁ ପ୍ରାପ୍ତ ଆର୍ଥିକ୍ ଅନୁଦାନ ଧର୍ମ ପରିବର୍ତ୍ତନ କିମ୍ବା ପ୍ରଚାର ପ୍ରସାର ପାଇଁ ଖର୍ଚ୍ଚ ହୋଇପାରିବନାହିଁ । ଏହା ସମ୍ପୂର୍ଣ୍ଣ ରୂପେ ବାରଣ ଅଟେ, ପ୍ରତିବନ୍ଧିତ ।

ବିଧାୟକ, ସାଂସଦ, ରାଜନୈତିକ ଦଳ, ନିର୍ବାଚନ ପ୍ରାର୍ଥୀ, ପତ୍ରକାର ସରକାରୀ ଚାକିରିଆ ଓ ବିଚାରପତିଙ୍କ ପାଇଁ ବିଦେଶୀ ଫଣ୍ଡିଙ୍ଗ ସଂପୂର୍ଣ୍ଣ ମନା । ସେମାନେ ଏହାକୁ ନେଇପାରିବେ ନାହିଁ ଯାହାଫଳରେ ଗଣତନ୍ତ୍ର ପ୍ରଭାବିତ ହେବନାହିଁ ।

ଆମ ଦେଶରେ ଦିନକୁଦିନ ବେସରକାରୀ ଅନୁଷ୍ଠାନମାନଙ୍କ ସଂଖ୍ୟା ଦ୍ରୁତ ବେଗରେ ବଢ଼ିବାରେ ଲାଗିଛି । ୫୨,୧୫୬ ଏନଜିଓ ବିଦେଶୀ ଫଣ୍ଡିଙ୍ଗ ପାଇଛନ୍ତି । ତନ୍ମଧ୍ୟରୁ ୧୪,୪୫୩ ସକ୍ରିୟ ଅଛନ୍ତି । ୨୨,୪୯୬ ଏନଜିଓଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ଏବଂ ୧୨,୨୨୫ ନିଷ୍କ୍ରିୟ ଅଛନ୍ତି । ଗୃହ ମନ୍ତ୍ରାଳୟର ସୂତ୍ର ଅନୁସାରେ ୨୦୧୯ ରୁ ୨୦୨୨ ମଧ୍ୟରେ ବିଭିନ୍ନ ସଂସ୍ଥା, ଏନଜିଓକୁ ୫୫,୭୪୧ କୋଟି ବିଦେଶୀ ଅନୁଦାନ ମିଳିଛି । ୨୦୨୪-୨୫ ଆର୍ଥିକ୍ ବର୍ଷରେ ଏହାର ପରିମାଣ ୨୨,୯୬୩ କୋଟି । ଏହା କମ ଟଙ୍କା ନୁହେଁ । ତେଣୁ ଏଫସିଆରଏ କାନୁନ ଖୁବ୍ ଶକ୍ତ ହେବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ଏନଜିଓ, ଟ୍ରଷ୍ଟ, ଧାର୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ଯିଏ ବିଦେଶୀ ଫଣ୍ଡିଙ୍ଗ ପ୍ରାପ୍ତ କରୁଛନ୍ତି, ଅନୁଦାନ ରାଶି ସମେତ ତାଙ୍କର ସମ୍ପୂର୍ଣ୍ଣ ଜାତକ ସରକାରଙ୍କ ପାଖରେ ଉପଲବ୍ଧ ହେବା ଅପରିହାର୍ଯ୍ୟ । ଅନ୍ୟଥା ଭାରତୀୟ ଗଣତନ୍ତ୍ର କେବେ କିଭଳି ପ୍ରଭାବିତ ହେବ କହିହେବ ନାହିଁ । ରୋଗ ହେବା ପୂର୍ବରୁ ପ୍ରତିକାର ହିଁ ଶ୍ରେଷ୍ଠ ପନ୍ଥା ।

# ତାଳଗଛ ମୁଣ୍ଡରେ ବାଇଚଢ଼େଇର ସ୍ୱପ୍ନର ଘର

ଆକାଶକୁ ଛୁଇଁବାର ଅଭିଳାଷ ନେଇ ଯେପରି ତାଳଗଛଟି ମୁଣ୍ଡ ଟେକି ଠିଆ ହୋଇଥାଏ ।ଗାଁ ଦାଣ୍ଡ, ନଦୀ ପଠା କିମ୍ବା ବିଲ ଡୁଡ଼ାରେ ଉଚ୍ଚ ହୋଇ ଠିଆ ହୋଇଥିବା ତାଳଗଛଟିକୁ ଦେଖିଲେ ଆଖି ଅଟକିଯାଏ । ଆଉ ତା'ର ଅଗ୍ର ଭାଗରେ ପବନର ତାଳରେ ଝୁଲୁଥିବା ବାଇଚଢ଼େଇର ବସା ଦୃଶ୍ୟଟିକୁ କରିଦିଏ ଆହୁରି ମନୋହର । ପ୍ରକୃତିର ଏହି ନିରବ ଚିତ୍ରପଟରେ ବାଇଚଢ଼େଇର ବସା ଯେପରି ଏକ ଛୋଟିଆ କଳାକୃତି । କେତେ ସୂକ୍ଷ୍ମ କାରୁକାର୍ଯ୍ୟ ! କେତେ ଅଦ୍ଭୁତ ନିର୍ମାଣକଳା ! ନା କୌଣସି ମାପକାଠି, ନା କୌଣସି ନକ୍ସା, ନା କୌଣସି ଯନ୍ତ୍ର । ତଥାପି ବାଇଚଢ଼େଇ ନିଜ ଥଣ୍ଟରେ ଘାସ, ତାଳ ପତ୍ରର ସୂକ୍ଷ୍ମ ତନ୍ତୁ ଓ ଅନ୍ୟାନ୍ୟ ପ୍ରାକୃତିକ ଉପାଦାନ ଆଣି ଗୋଟିଏ ଗୋଟିଏ କରି ବୁଣିଦିଏ ତା'ର ଛୋଟ ସଂସାର । ତନ୍ତୁକୁ ତନ୍ତୁ ସହିତ ଏପରି ନିଖୁଣ ଭାବରେ ଗୁନ୍ଥି ଦିଏ ଯେ, ଦୂରରୁ ଦେଖିଲେ ଲାଗେ ଯେପରି କୌଣସି ଦକ୍ଷ କାରିଗର ଅତି ଯତ୍ନରେ ଏହାକୁ ତିଆରି କରିଛି ।

ତାଳଗଛର ଶୀର୍ଷରେ ବସା ବାନ୍ଧିବାରେ ମଧ୍ୟ ରହିଛି ଏକ ଅପୂର୍ବ କୌଶଳ । ମାଟିଠାରୁ ବହୁ ଉଚ୍ଚରେ ଝୁଲୁଥିବା ସେହି ବସା ପବନର ପ୍ରତ୍ୟେକ ଝଟକା ସହିତ ଦୋଳିଥାଏ । କେବେ ଡାହାଣକୁ, କେବେ ବାମକୁ କିନ୍ତୁ ନିଜ ସ୍ଥାନରୁ ଛିଟିକି ପଡ଼େନାହିଁ । ଆକାଶରେ କଳା ବାଦଲ ଘୋଟି ଆସିଲେ, ଝଡ଼ ପବନ ବହିଲେ କିମ୍ବା ବର୍ଷାର ଧାରା ଝରିଲେ ମଧ୍ୟ ସେହି ଛୋଟିଆ ଘରଟି ତା'ର ଭିତରେ ଥିବା ଜୀବନକୁ ଆଶ୍ରୟ ଦେଇଥାଏ ।

ଗୋଟିଏ ଛୋଟ ପକ୍ଷୀର ଏତେ ବଡ

ମଙ୍ଗଳବାର ୧୮।୨୦୨୬

# ଯୋଗିଯୋଗିଆଣୀ

ଅକ୍ଷର
ANUPAMA ODISHA ଅନୁପମ







**ଶାନ୍ତନୁ ବିଶୋଇ**
ଦଣ୍ଡୋର, କୁରାଳ, ଓଡ଼ଗାଁ,
ନୟାଗଡ-୭୫୨୦୯୦
ମୋ- ୭୦୭୧୬୧୮୧୬

ସାତତାଳ ପଙ୍କ ମଧ୍ୟରୁ ଇତିହାସ କଡ଼ଲେଉଟାଏ। ଜିରାରୁ ଶିରା କାଢି ଗବେଷକମାନେ ଲାଗିପଡନ୍ତି ପ୍ରକୃତ ସତ୍ୟର ଅନୁସନ୍ଧାନରେ। ବିଦେଶୀ ବୌଦ୍ଧଭିକ୍ଷୁ ଯୋଗୀଯୋଗିଆଣି ପୀଠ ବିଷୟରେ ଅନୁସନ୍ଧାନ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣା କରିବା ପାଇଁ ତତ୍ପରତା ପ୍ରକାଶ ପୂର୍ବକ ସ୍ଥାନୀୟ ପୂଜକ ଜରିଆରେ ଯୋଗୀଯୋଗିଆଣି ପୀଠ ଠାରୁ କିଛି ଇଟା ନେଇ ବର୍ତ୍ତମାନ ସୁଦ୍ଧା ଗବେଷଣାରତ ଅଛନ୍ତି। ସମୟକ୍ରମେ ନୟାଗଡ ଜିଲ୍ଲା ଖଣ୍ଡପଡା ଗଡ଼ ଅନ୍ତର୍ଗତ ଅଁଳାପାଟସ୍ଥ ଏକମାତ୍ର ବୌଦ୍ଧ ପୀଠ ଯୋଗୀଯୋଗିଆଣି ପ୍ରତି ବିଦେଶୀ ବୌଦ୍ଧଭିକ୍ଷୁ ମାନଙ୍କର ଅନୁଗମନ ଓ ପାରାଗମନ ଦୀର୍ଘ ଦିନଧରି ଲାଗିରହିଛି।

ଉତ୍‌ଥାନ, ପତନ, ଜୟ ପରାଜୟ, ନିର୍ମାଣ ଓ ବିଧ୍ୱଂଶ ଇତିହାସର ମୁଖ୍ୟ ଉପାଦାନ। ସମୟକ୍ରମେ ବନ୍ଧୁର ରାସ୍ତା ଦେଇ ଇତିହାସ ନିସୃତ ଯୋଗୀଯୋଗିଆଣି ପୀଠର ଜନ୍ମ ଜାତକ ଖୋଜି ବସିଲା ବେଳେ ଆମ୍ଭଙ୍କୁ ଫେରିଯିବାକୁ ପଡିବ ବୌଦ୍ଧ ଧର୍ମର ଜନ୍ମ, ପ୍ରଚାର ପ୍ରସାର ଏବଂ ବିଲୟର ପ୍ରତିଟି ସୋପାନକୁ। ସାଉଁଟିବାକୁ ପଡିବ ଧର୍ମୀୟ ଶୀତଳଯୁଦ୍ଧର ଫଳାଫଳ ଏବଂ ଧର୍ମୀୟ ପୃଷ୍ଠପୋଷକତା ଦେଇ ଆସୁଥିବା ରାଜା ରାଜୁଡାମାନଙ୍କର ଜୟ ପରାଜୟର ସତ୍ୟ ସରୂପ ଐତିହାସିକ ତତ୍ୱ ଗୁଚ୍ଛ ପାଖକୁ....



## ଯୋଗୀଯୋଗିଆଣୀ ପୀଠର ପ୍ରାକୃତିକ ଓ ଭୌଗଳିକ ଅବସ୍ଥିତି

ନୟାଗଡ଼ ଜିଲ୍ଲା ତଥା ଓଡ଼ିଶାର ପ୍ରାଚୀନ ବୌଦ୍ଧ ପୀଠ ମଧ୍ୟରୁ ଯୋଗୀଯୋଗିଆଣୀ ବୌଦ୍ଧ ପୀଠ ଅନ୍ୟତମ ଅଟେ। ଏହା ନୟାଗଡ଼ ଜିଲ୍ଲାର ଏକମାତ୍ର ବୌଦ୍ଧ ପୀଠ।ନୟାଗଡ଼ ଜିଲ୍ଲା ସଦରମହକୁମା ଠାରୁ ଖଣ୍ଡପଡା ଖଳିସାହି ଦେଇ ସିଂହାପଡା କୋସ୍କା ରାସ୍ତାକୁ ମିଶାଇ ୩୬ କିଲୋମିଟର ଗଲେ କୋସ୍କା ପୂର୍ବରୁ ଅଁଳାପଟା ଠାରେ ଯୋଗୀଯୋଗିଆଣୀ ବୌଦ୍ଧ ପୀଠ ପଡେ।ମୁଖ୍ୟ ସ ?କ ପଥର ତଟଦେଶରେ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିଭାଗର ସୁନ୍ଦର ମାର୍ଗ ଦର୍ଶିକା ବୌଦ୍ଧ ପୀଠ ଯୋଗୀଯୋଗିଆଣୀ ଆଡକୁ ପଥ ପ୍ରଦର୍ଶନ କରୁଅଛି।ସୁନ୍ଦର ତୋରଣ। ନିଘଞ୍ଚ ବନାନୀ ସହ ମନଲୋଭା ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରାୟ ଏକ କିଲୋମିଟର ଚଟାଣ ରାସ୍ତା ଅତିକ୍ରାନ୍ତ କଲେ ଦୃଶ୍ୟମାନ ହେବ କୁଳୁକୁଳୁ ନିନାଦିନି ପାହାଡ଼ି ଝରଣା। ରାଜଗିରି ପାହାଡ଼ର କେଉଁ ଏକ ନିଭୃତ କୋଣରୁ ପଥର ଶେଯରେ ଗଡି ଗଡି ତଳରୁ ତଳକୁ ଝରିଆସି ବୃତ୍ତଙ୍ଗ ନଦୀ ସହ ସଂଯୋଗ ହୋଇ ମହାନଦୀରେ ବିଲୀନ ହୋଇଛି।ଝରଣା ଜଳ ସହିତ ଚିକ୍କଣ ପଥର ଶେଯର ଧୀର ଖସଡ଼ାରେ ଭିଜି ଭିଜି ତଳକୁ ଖସିବାର ମଜା ସତନ୍ତ୍ର ଅଟେ। ଉନ୍ମାଦ ଭାବେ ତରୁଣ ତରୁଣୀମାନଙ୍କର ଜଳ କ୍ରୀଡା ଦେଖିଲେ ହୃଦୟରେ ଏକ ଅପୁରନ୍ତ ଆନନ୍ଦ ସୃଷ୍ଟି ହୁଏ।ବିପଦ ଶଙ୍କୁଳ ନଥିବାରୁ ଶିଶୁ କିଶୋରମାନେ ଏଠି ଜଳକ୍ରୀଡ଼ା କରିବାକୁ ଆଗଭର ହୁଅନ୍ତି।ସୁନ୍ଦର ଝରଣାଟି ଯୋଗୀଯୋଗିଆଣୀ ପୀଠକୁ ପ୍ରକୃତିର ଏକ ବଡ଼ ଅବଦାନ। ଫେବ୍ରୁଆରୀ ମାସ ଶେଷ ସୁଦ୍ଧା ଏହି ଝରଣାଟି ଶୁଖି ଯାଇଥାଏ।ପାଣିର ଆବଶ୍ୟକତା ପୁରଣ କରିଥାଏ ଗୋଟିଏ ପ୍ରସ୍ତର ନିର୍ମିତ କୂଅ। ଘଞ୍ଚ ବନାନୀର ଶୀତଳ ସମୀର ପର୍ଯ୍ୟଟକଙ୍କ ଶରୀରରେ ଭରିଦିଏ ଅପୂର୍ବ ଶିତଳତା।ବିଶାଳ ବୃକ୍ଷର ସମ୍ଭାର, ଲତା ମାନଙ୍କର ତୋରଣ ସତେ ଯେମିତି ସମସ୍ତ ପର୍ଯ୍ୟଟକଙ୍କୁ ସ୍ୱାଗତ କରେ।ବନ୍ଧୁର ଶିଳା ଗୁଡିକ ଆତିଥ୍ୟ ପ୍ରଦାନ କରିବା ପାଇଁ ନିଜେନିଜକୁ ଆସନ ଭଳି ଶେଜେଇ ଦେଇଛନ୍ତି। ପର୍ଯ୍ୟଟକ ସେଠାରେ ବସେ, ଶୁଏ, ଭାବନାରେ ନିମ୍ନଜିତ ହୁଏ,ପର୍ଯ୍ୟଟନ ସ୍ଥଳୀର ଶୋଭା ଉପଭୋଗ କରେ।ପଦଧୌତ ଏବଂ ତୃଷା ମେଣ୍ଟାଇବା ପାଇଁ ସ୍ୱାଗତ ଗୀତିକା ଗାଇ ଝରଣା ଜଳ ପର୍ଯ୍ୟଟକ ଆଡକୁ ଛୁଟି ଆସେ।ଜଙ୍ଗଲୀ ପକ୍ଷୀଙ୍କ କୁଜନ ଚିତ୍ତ ଚୋରିକରେ। ଅଧିକ ଉପରକୁ ଗଲେ ଗୟଳ,ବରାହ, ଭଲ୍ଲୁକ ଭଳି ହିଂସ୍ରଜନ୍ତୁଙ୍କୁ ଭେଟିବାର ଭୟ ରହିଥାଏ।

## ଉପସଂହାର...

ଯୋଗୀଯୋଗିଆଣୀ ବୌଦ୍ଧ ପୀଠର ମୂର୍ତ୍ତି ଗୁଡ଼ିକ ବାମରୁ ଡାହାଣକୁ କ୍ରମରେ ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରା, ଧ୍ୟାନମୁଦ୍ରା, ଭୂମିସ୍ପର୍ଶ ମୁଦ୍ରା ଏବଂ ଭରଦା ମୁଦ୍ରାରେ ଅବସ୍ଥାନ କରିଅଛନ୍ତି। ଗୋଟିଏ ବୌଦ୍ଧ ପୀଠରେ ଚାରୋଟି ମୁଦ୍ରାରେ ବୌଦ୍ଧ ମୂର୍ତ୍ତି ମିଳିବା ବୋଧହୁଏ ଇତିହାସ ବିରଳ।

ବ୍ରାହ୍ମଣ୍ୟ ଧର୍ମ, ବୌଦ୍ଧ ଧର୍ମକୁ ହେୟ ଜ୍ଞାନ କରୁଥିବାରୁ ଯୋଗୀଯୋଗିଆଣୀ ବୌଦ୍ଧ ପୀଠ ଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବୌଦ୍ଧ ଅବତାର ଦର୍ଶାଇ ବୁଦ୍ଧ ମୂର୍ତ୍ତି ପାଖରେ ଏକ ଜଗନ୍ନାଥ ପଟୋଚିତ୍ର ରଖାଯାଇଛି। OTDC ମାନ୍ୟତା ପ୍ରାପ୍ତ ଏହି ଯୋଗୀଯୋଗିଆଣୀ ପୀଠକୁ ବିଦ୍ୟୁତ ସଂଯୋଗୀକରଣ କରାଯାଇଅଛି। ପାଞ୍ଚ ଶହ ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ତିଆରି କରି ସଲ୍ପ ଜଳଯୋଗାଣ କରାଯାଇଛି।ଶୌଚାଳୟର ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି।ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଭୋଜିଭାତର ଆସର ପାଇଁ କଲ୍ୟାଣ ମଣ୍ଡପଟିଏ ଅର୍ଦ୍ଧନିର୍ମିତ ଅବସ୍ଥାରେ ଅଛି। ଆବଶ୍ୟକତା ଅନୁସାରେ ଯୋଗୀଯୋଗିଆଣୀ ପୀଠର ଉନ୍ନତି ଆଶାନୁରୂପ ନୁହେଁ।

ପର୍ଯ୍ୟଟନ ସ୍ଥଳୀର ପାଦଦେଶରେ ଝରଣାର ପାଣିକୁ ବନ୍ଧ ବାନ୍ଧି ତାର ଉପଯୋଗ ଏବଂ ଜଳ ଉଦ୍ୟାନ କରାଯାଇ ପାରନ୍ତା। ଖରାଦିନେ ଜଳାଭାବକୁ ଅନେକାଂଶରେ ରୋକାଯାଇପାରନ୍ତା। ରାତ୍ରି ଯାପନ ପାଇଁ ଡାକ ବଙ୍ଗଳା ନିର୍ମାଣ କରି ଦୂରଯାତ୍ରୀ ମାନଙ୍କ ରହଣି ପାଇଁ ଅଶେଷ ସୁବିଧା ସୃଷ୍ଟି କରାଯାଇ ପାରନ୍ତା। ପାର୍କିଂ, ଏବଂ ବସ ରହଣି ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଗଲେ ଏହି ବୌଦ୍ଧ ପୀଠର ଅଶେଷ ଉନ୍ନତି ସାଧିତ ହୋଇପାରନ୍ତା। ପାନୀୟ ଜଳଯୋଗାଣ କରି ପର୍ଯ୍ୟଟକଙ୍କ ପାନୀୟଜଳ କଷ୍ଟ ଦୂର କରାଯାଇ ପାରନ୍ତା। ଅସୁରକ୍ଷିତ ଟିଣ ଛପର ମନ୍ଦିରକୁ ନବନିର୍ମାଣ ପୂର୍ବକ ପ୍ରସ୍ତର ନିର୍ମିତ ମନ୍ଦିର କରାଗଲେ ବହୁ ପ୍ରାଚୀନ ମୂର୍ତ୍ତି ଗୁଡିକ ସୁରକ୍ଷିତ ରହିପାରିଥାନ୍ତା।ଓଡ଼ିଶାର ପର୍ଯ୍ୟଟନ ବିଭାଗ ଏହି ଐତିହ ଏବଂ ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।







## ପର୍ବପର୍ବାଣି

ବିଭିନ୍ନତା ମଧ୍ୟରେ ଏକତା ହେଉଛି ଯୋଗୀଯୋଗିଆଣୀ ପୀଠର ଅନ୍ୟତମ ବୈଶିଷ୍ଟ୍ୟ। ଏହା ଏକ ବୌଦ୍ଧ ପୀଠ ଅଟେ।ପୂଜକ ତଥା ଶ୍ରଦ୍ଧାଳୁ ହିନ୍ଦୁ ଅଟନ୍ତି।ଖ୍ରୀଷ୍ଟୀୟ ନବ ବର୍ଷରେ ଏହାର ମୁଖ୍ୟ ପର୍ବ ପାଳନ କରାଯାଏ।ବୌଦ୍ଧ, ହିନ୍ଦୁ ତଥା ଖ୍ରୀଷ୍ଟ ଧର୍ମର ଅପୂର୍ବ ସମନ୍ୱୟ ନେଇ କାହିଁ କେତେଶହ ବର୍ଷ ପୂର୍ବରୁ ଏହି ଯୋଗୀଯୋଗିଆଣୀ ପୀଠରେ ପୂଜା ଅର୍ଚ୍ଚନା ହୋଇ ଆସୁଛି। ଆଖ ପାଖ ବହୁ ଅଞ୍ଚଳରୁ ହଜାର ହଜାର ପର୍ଯ୍ୟଟକ ବଣ ଭୋଜି କରିବା ପାଇଁ ଏହି ଯୋଗୀଯୋଗିଆଣୀ ପୀଠକୁ ଦଉଡି ଆସିଥାନ୍ତି। ପ୍ରାଚୀନ ବୌଦ୍ଧ ମୂର୍ତ୍ତି,ସବୁଜ ଅରଣ୍ୟ ପରିବେଶ ସାଙ୍ଗକୁ ସାସ୍ଥ୍ୟକର ଜଳବାୟୁ ଏବଂ ସୁଗମ୍ୟ ସଡ଼କ ପଥ ଆଖପାଖ ତଥା ଦୂରଦୂରାନ୍ତ ପର୍ଯ୍ୟଟକଙ୍କୁ ନିବିଡ଼ ଭାବରେ ଆକର୍ଷିତ କରିଥାଏ। ଦୈନିକ ପୂଜା ଅର୍ଚ୍ଚନା କରାଯାଉଥିଲେ ମଧ୍ୟ ଜାନୁଆରୀ ଏକ ତାରିଖ ବ୍ୟତିରେକ ଅନ୍ୟ କୌଣସି ତିଥିରେ ଏଠାରେ ପର୍ବପର୍ବାଣି ପାଳିତ ହୁଏ ନାହିଁ।

# ଯୋଗୀଯୋଗିଆଣି ପୀଠର ସମ୍ଭାବ୍ୟ ଜନ୍ମ ଜାତକ

ସମଗ୍ର ପୃଥିବୀ ପୃଷ୍ଠରେ ଯେଉଁ କେତେକ ସରଳ ବୋଧଗମ୍ୟ ଧର୍ମୀୟ ଚିନ୍ତାଧାରା ଲୋକମାନଙ୍କ ମନରେ ରେଖାପାତ କରି ଜନାଦୃତ ହୋଇପାରିଛି ତନ୍ମଧ୍ୟରୁ ବୌଦ୍ଧ ଧର୍ମ ହେଉଛି ଅନ୍ୟତମ। ୨୦୨୦ ମସିହା ସର୍ବେକ୍ଷଣ ଅନୁସାରେ ପଞ୍ଚମ ସର୍ବ ବୃହତ ଧର୍ମ ଭାବରେ ବୌଦ୍ଧ ଧର୍ମ ସର୍ବଜନ ବିଦିତ। ୬.୬୨ ଶତକଡା ହାରରେ ଏହି ଧର୍ମ ଅଦ୍ୟାବଧି ପୃଥିବୀ ପୃଷ୍ଠରେ ତିଷ୍ଠି ରହିଛି। ଯଦିଓ ଗୌତମ ବୁଦ୍ଧ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କରିଥିଲେ,ଏହା ବିଶେଷତଃ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତାରେ ବୌଦ୍ଧ ଧର୍ମ ଭାରତ ବାହାରେ ଯଥା, ପଶ୍ଚିମରେ ଗ୍ରୀସ ଦେଶଠାରୁ ପୂର୍ବରେ ବ୍ରହ୍ମଦେଶ (ବର୍ତ୍ତମାନର ମିଆଁମାର) ଏବଂ ଦକ୍ଷିଣରେ ସିଂହଳ (ବର୍ତ୍ତମାନର ଶ୍ରୀଲଙ୍କା) ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କୁଶାଣ ବଂଶର ଶ୍ରେଷ୍ଠ ସମ୍ରାଟ କନିଷ୍କଙ୍କ ପ୍ରେରଣାରେ ବୌଦ୍ଧଧର୍ମ ଚୀନ, ତିବ୍‌ବତ, ଜାପାନ ପ୍ରଭୃତି ଦେଶରେ ପ୍ରଚାରିତ ହୋଇଥିଲା। ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ କନୌଜର ରାଜା ହର୍ଷବର୍ଦ୍ଧନଙ୍କ ସାହାଯ୍ୟରେ ବୌଦ୍ଧଧର୍ମ ବିଶେଷ ଅଗ୍ରଗତି ଲାଭ କରିଥିଲା । ଏହିପରି ପୃଷ୍ଠପୋଷକତା ଲାଭକରି ବୌଦ୍ଧଧର୍ମ ପୃଥିବୀର ଏକ ମୁଖ୍ୟ ଧର୍ମରେ ପରିଣତ ହୋଇଥିଲା।

ସୋନପୁର ତାମ୍ରଲେଖରୁ ଜଣାଯାଏ ଯେ ଶତ୍ରୁଭଞ୍ଜ ଖଞ୍ଜଳି/ଖଞ୍ଜଲି ମଣ୍ଡଳର ରାଜା ଥିଲେ।ତାଙ୍କ ପିତୃଦେବ ଶିଳା ଭଞ୍ଜଦେଓ ଖଞ୍ଜଳି ମଣ୍ଡଳରେ ଭଞ୍ଜ ବଂଶର ପ୍ରତିଷ୍ଠାତା ଥିଲେ।ଧ୍ରୁଡିପୁର ଖଞ୍ଜଳି ମଣ୍ଡଳର ରାଜଧାନୀ ଥିଲା,ଯାହାକି ଆଜି ବୌଦ୍ଧ ସହର ରୂପେ ଜଣାଶୁଣା ଅଟେ। ସମୟକ୍ରମେ ଏହି ଭଞ୍ଜ ବଂଶ ଗଙ୍ଗବଂଶୀୟ ରାଜଙ୍କଠାରୁ ପରାଜୟ ବରଣ କରି ନିଜର ସତ୍ତା ହରାଇ ବସିଥିଲେ।

ଚଟେଶ୍ୱର ଶିଳାଲେଖ ରୁ ଜଣାଯାଏ ୧୨୨୦ ଖ୍ରୀଷ୍ଟାବ୍ଦ ବେଳକୁ ବୌଦ୍ଧ ରାଜ୍ୟ ଗଙ୍ଗ ବଂଶୀୟ ରାଜା ମାନେ ଦଖଲ କରି ସାରିଥିଲେ। ତୃତୀୟ ଅନଙ୍ଗ ଭୀମଦେ ? ବୌଦ୍ଧ ଦଖଲ କରିଥିଲେ। କିଛି ବର୍ଷ ପରେ ଗୋଟିଏ ବ୍ରାହ୍ମଣ ପରିବାର ଗଙ୍ଗ ବଂଶଠାରୁ ଅର୍ଦ୍ଧ ସତନ୍ତ୍ରତା ହାସଲ କଲେ। ଅନ୍ତିମ ବ୍ରାହ୍ମଣ ଶାସକ ଗନ୍ଧମାର୍ଦ୍ଦନ ଦେବଙ୍କର ଉତ୍ତରାଧିକାରୀ ନଥିଲେ, ତେଣୁ ସେ କେନ୍ଦୁଝର ଭଞ୍ଜ ଶାସକଙ୍କ ଠାରୁ ଉତ୍ତରାଧିକାରୀ ଆଣି ଶାସନ ଗାଦିରେ ବସାଇଥିଲେ।

ଧର୍ମୀୟ ହିଂସାକାଣ୍ଡ ଯେତେବେଳେ ସୃଷ୍ଟି ହୁଏ ତାହା ନିଶ୍ଚିତ ଉଗ୍ର ରୂପ ନେଇଥାଏ। ଏଣୁ ଅନୁମାନ କରାଯାଏ ଗଙ୍ଗବଂଶୀୟ ହିନ୍ଦୁ ଶାସକ କିମ୍ବା ବୌଦ୍ଧ ରାଜ୍ୟକୁ ବ୍ରାହ୍ମଣ ଶାସନ କରୁଥିବା ୧୨୨୦ରୁ ୧୨୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବୌଦ୍ଧ ରାଜ୍ୟରୁ ବୌଦ୍ଧ କୀର୍ତ୍ତି,ମନ୍ଦିର ଗୁଡିକୁ ଅତ୍ୟନ୍ତ ହିଂସ୍ର ଭାବରେ ଧ୍ୱଂସ କରାଯାଇ ଥିଲା। ବୌଦ୍ଧ ମୂର୍ତ୍ତି ଗୁଡିକୁ ପୋଖରୀ, ନଦୀ କିମ୍ବା ପାହାଡ଼ ଉପରେ ଫିଙ୍ଗି ଦିଆଯାଇଥିଲା। ବୌଦ୍ଧ ରାଜ୍ୟ ଦଶପଲ୍ଲା ପର୍ଯ୍ୟନ୍ତ ବିସ୍ତୃତ ଥିବାରୁ ଦଶପଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ କୋସ୍କା, ଅଁଳାପଟା ନିକଟସ୍ଥ ଗୁରିଆବାରି ସଂରକ୍ଷିତ ଜଙ୍ଗଲ ଉପରିସ୍ଥ ରାଜଗିରି ପାହାଡ଼ ଉପରେ ଫିଙ୍ଗି ଦିଆଯାଇଥିବାର ଅନୁମାନ କରାଯାଉଛି। ଯୋଗୀଯୋଗିଆଣି ପୀଠ ଜନ୍ମର ଏହା ଏକ ସମ୍ଭାବ୍ୟ ଜନ୍ମ ଜାତକ ଅଟେ।

କିମ୍ବା ବିଧ୍ୱଂସକାରିଙ୍କ କବଳରୁ ନିଜ ଧର୍ମର ଦେବତାଙ୍କୁ ବଞ୍ଚାଇବା ଉଦ୍ଦେଶ୍ୟରେ ବୌଦ୍ଧ ଭିକ୍ଷୁମାନେ ଉକ୍ତ ପାହାଡ଼ ଉପରେ ବୌଦ୍ଧ ମୂର୍ତ୍ତି ସବୁ ଲୁଚାଇ ରଖି ପୂଜା ଅର୍ଚ୍ଚନା କରୁଥିଲେ। ସେହି ଦିନଠାରୁ ଏହି ଯୋଗୀଯୋଗିଆଣୀ ବୌଦ୍ଧପୀଠର ସୃଷ୍ଟି ବୋଲି ଯୁକ୍ତି ବଢାଯାଇ ପାରେ। ଏହି ଯୁକ୍ତି ମଧ୍ୟ ଗବେଷଣା ସାପେକ୍ଷ ଅଟେ। ଉଦାହରଣ ସରୂପ ଅତୀତରେ ଲୁଣ୍ଠନକାରିଙ୍କ କବଳରୁ ସୋମନାଥ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ମୂର୍ତ୍ତି ଅନ୍ୟତ୍ର ଲୁଚାଇ ରଖିବାର ନଜିର ରହିଅଛି।ଏଣୁ ଏଭଳି ଯୁକ୍ତିକୁ ଏଡାଇ ଦିଆ ଯାଇ ନପାରେ। ଏହାକୁ ବି ଆମ୍ଭେ ଯୋଗୀଯୋଗିଆଣି ପିଠ ଜନ୍ମର ଏକ ଉପକାରଣ ବୋଲି ଗ୍ରହଣ କରି ପାରିବା।

ଦ୍ୱିତୀୟ ଉପକରଣ: କୌଣସି ହିନ୍ଦୁ ଯୋଗୀ ଓ ଯୋଗିଆଣି ଦ୍ୱାରା ଏହି ମୂର୍ତ୍ତି ପୂଜା କରାଯାଇଥାଇ ପାରେ ତେଣୁ ଉକ୍ତ ଯୋଗୀ ଯୋଗିଆଣିଙ୍କ ନାମାନୁସାରେ ଏହି ପୀଠ 'ଯୋଗୀଯୋଗିଆଣି' ବୋଲି କଥିତ ହୋଇପାରିଥାଏ।

ଯୋଗୀଯୋଗିଆଣୀ ବୌଦ୍ଧ ପୀଠର ମୂର୍ତ୍ତି ସମୂହ ଲୋକକଥା ବା କିମ୍ବଦନ୍ତୀ ଅନୁସାରେ ଦାବି କରାଯାଉଥିବା ଅଷ୍ଟମ/ନବମ ଶତାବ୍ଦୀର ବୋଲି କୌଣସି ଠୋସ ପ୍ରମାଣ ବା ଯୁକ୍ତି ଏ ପର୍ଯ୍ୟନ୍ତ ସିଦ୍ଧ ହୋଇ ନାହିଁ।

ମତାନ୍ତରରେ କହିବାକୁ ଗଲେ, ଦଶପଲ୍ଲା ବୌଦ୍ଧ ରାଜ୍ୟ ଅନ୍ତର୍ଗତ ରହି ଆସିଥିଲା। ବୀର ଭଞ୍ଜ ବୌଦ୍ଧ ଧର୍ମର ପୃଷ୍ଠପୋଷକ ଥିଲେ।ତାଙ୍କ ଭ୍ରାତା ଶାଳ ଭଞ୍ଜ ଜଗନ୍ନାଥଙ୍କ ଉପାସକ ଥିଲେ। ୧୪୯୫ ଖ୍ରୀଷ୍ଟାବ୍ଦ ବେଳକୁ ବୌଦ୍ଧ ରାଜ୍ୟର ରାଜା ବୀର ଭଞ୍ଜଙ୍କ ଭ୍ରାତା ଶାଳ ଭଞ୍ଜ ଜଗନ୍ନାଥ ଦର୍ଶନ କରି ଯାଇଥିବାରୁ ଭ୍ରାତୃ ବିବାଦ ସୃଷ୍ଟି ହୋଇଥିଲା। ଏହି ଘଟଣାକ୍ରମରୁ ସ୍ପଷ୍ଟ ଅନୁମେୟ ବୌଦ୍ଧ ଓ ବୈଷ୍ଣବ ଧର୍ମ ମଧ୍ୟରେ ନିଜ ନିଜର ଶ୍ରେଷ୍ଠତାକୁ ନେଇ ଶୀତଳ ଅନ୍ତର୍ଦ୍ୱନ୍ଦ ଥିଲା ଏବଂ ସ୍ଥାନ କାଳ ପାତ୍ର ନେଇ ଧର୍ମୀୟ ବିବାଦ କଠିନରୁ କଠିନତର ହେଉଥିଲା।

ବୀର ଭଞ୍ଜ ଏବଂ ଶାଳ ଭଞ୍ଜଙ୍କ ବିବାଦର ତିନିବର୍ଷ ପରେ ଶାଳଭଞ୍ଜଙ୍କ ପୁତ୍ର ନାରଣ ଭଞ୍ଜ ବୌଦ୍ଧ ରାଜ୍ୟ ଠାରୁ ବିଚ୍ଛିନ୍ନ ହୋଇ ଦୂରତା ରଖି ନିଜକୁ ସତନ୍ତ୍ର ଘୋଷଣା କରି ଦଶପଲ୍ଲା ରାଜ୍ୟର ରାଜା ହୋଇଥିଲେ। ଏବଂ ଜଗନ୍ନାଥ ସଂସ୍କୃତିର ଉପାସକ ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ।

ବୌଦ୍ଧଗଡ଼ ରାଜା ବୌଦ୍ଧ ଧର୍ମର ପୃଷ୍ଠପୋଷକ ଥିଲେ, ଦଶପଲ୍ଲା ରାଜା ଜଗନ୍ନାଥ ସଂସ୍କୃତିର ପୃଷ୍ଠପୋଷକ ଥିଲେ। ହୋଇପାରେ ବୌଦ୍ଧ ଓ ଦଶପଲ୍ଲା ଉଭୟ ରାଜ୍ୟର ଧର୍ମୀୟ ବିବାଦ ଯୋଗୁଁ ୧୪୯୮ରୁ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ନାରଣ ଭଞ୍ଜ ଦଶପଲ୍ଲା ରାଜ୍ୟରୁ ବୌଦ୍ଧ ଧର୍ମର ମୂଲୋତ୍ପାଟନ ପାଇଁ ବୌଦ୍ଧ ମନ୍ଦିର ଭାଙ୍ଗି ମୂର୍ତ୍ତି ସବୁ ରାଜ୍ୟ ସୀମା ବାହାରେ ଫୋପା ? ଦେଇଥାଇପାରନ୍ତି ।ଯାହା ଦଶପଲ୍ଲା ଓ ଖଣ୍ଡପଡା ସୀମାନ୍ତବର୍ତ୍ତି କୋସ୍କା ନିକଟସ୍ଥ ଅଁଳାପଟା ରାଜଗିରି ଜଙ୍ଗଲରୁ ଆବିଷ୍କୃତ ହୋଇଛି। ଏହି କାରଣରୁ ଯୋଗୀଯୋଗିଆଣି ପୀଠର ଉଦ୍ଭବ ସମ୍ଭବର ହୋଇପାରିଥାଏ।

ଅନ୍ୟ ଏକ ଦୃଷ୍ଟିକୋଣରୁ କହିବାକୁ ଗଲେ ଦଶପଲ୍ଲା ରାଜ୍ୟରେ ବୌଦ୍ଧ କୀର୍ତ୍ତିର ଧ୍ୱଂସ ଲୀଳା ଦେଖି କିଛି ବୌଦ୍ଧ ଉପାସକ ନିଜ ଧର୍ମର ସୁରକ୍ଷା ପାଇଁ ବୌଦ୍ଧ ମୂର୍ତ୍ତି ଗୁଡିକୁ ସୁରକ୍ଷିତ ଅଁଳାପଟା ନିକଟସ୍ଥ ରାଜଗିରି ପାହାଡ଼ ଉପରେ ଲୁଚାଇ ରଖି ପୂଜା କରିଥାଇ ପାରନ୍ତି। ରାଜଗିରି ପାହାଡ଼ରେ ଚାରିଗୋଟି ବୌଦ୍ଧ ମୂର୍ତ୍ତି ଦେଖିବାକୁ ମିଳିଥାଏ। ପ୍ରଥମ ମୂର୍ତ୍ତି, ଧର୍ମଚକ୍ର ପ୍ରବର୍ତ୍ତନ ମୁଦ୍ରାରେ ଦ୍ୱିତୀୟ ମୂର୍ତ୍ତି ଧ୍ୟାନମୁଦ୍ରାରେ ତୃତୀୟ ମୂର୍ତ୍ତି ଭୂମିସ୍ପର୍ଶ ମୁଦ୍ରାରେ ଏବଂ ଚତୁର୍ଥ ଭରଦା ମୁଦ୍ରାରେ ଅଛନ୍ତି।ଏଣୁ ଏସବୁ ମୂର୍ତ୍ତି ଗୋଟିଏ ମନ୍ଦିର କିମ୍ବା ଏକାଧିକ ମନ୍ଦିରରୁ ଅଣାଯାଇ ରଖାଯାଇଛି ତାହା ଗବେଷଣା ସାପେକ୍ଷ।

## ଗୁମ୍ଫା ଭିତରେ ଶୋଭା ପାଉଛନ୍ତି ତ୍ରିନାଥ ଠାକୁର

ଝରଣା ନିକଟରେ ପ୍ରସ୍ତର ଖଣ୍ଡ ଦେହରେ କିଛି ଛୋଟ ଛୋଟ ଗର୍ତ୍ତ ଦେଖାଯାଏ।କେହି କେହି କହନ୍ତି ଏହା ଭୀମର ପାଦ ଚିହ୍ନ ଏବଂ ଆଣ୍ଠୁମାଡ଼ି ବସିବାର ଆଣ୍ଠୁ ଚିହ୍ନ। ମତାନ୍ତରରେ କେହି କେହି କହନ୍ତି ଏହି ପାଦ ଆଉ ଆଣ୍ଠୁ ମାଡି ବସିବା ଚିହ୍ନ ହେଉଛି କୃଷ୍ଣଙ୍କର। ବହୁଜନ ବିଶ୍ୱାସକୁ ସମ୍ମାନ ଦିଆଯିବା ବିଧେୟ ,କିନ୍ତୁ ଏହା କେବଳ ଲୋକ କଥା ଏବଂ ଧର୍ମ ବିଶ୍ୱାସରେ ସୀମିତ। କୌଣସି ଐତିହାସିକ ବା ପୌରାଣିକ ସତ୍ୟତା ନାହିଁ।

ବୌଦ୍ଧ ପୀଠ ଯୋଗୀଯୋଗିଆଣୀ ଠାରେ ଚାରିଗୋଟି ବୌଦ୍ଧ ମୂ

ସ୍ୱାଗତମ ସ୍ୱାଗତମ ସ୍ୱାଗତମ

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ

ସର୍ବଭାରତ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ- ୩୧ ଅଗଷ୍ଟ ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଅଛି । ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣମୂଳକ ଯୋଜନାରୁ ଉପକୃତ ହେବାପାଇଁ ପରିଷଦ ସହିତ ଯୋଡିହେବାକୁ ଜନସାଧାରଣମାନଙ୍କୁ ବିନମ୍ର ଅନୁରୋଧ ।

ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ / ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପଇଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା । ଏହାହିଁ ଆଜିର ପବିତ୍ର ଦିବସରେ କାମନା ।

"ଆଇନଗତ ସଫେଇ ସୁରକ୍ଷିତ ସଫେଇ
ଆମର ଲକ୍ଷ- ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ସହର"



**ଶ୍ରୀ ଜଗନ୍ନାଥ ବେହେରା , ଓ.ରା.ସେ**
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ



**ଶ୍ରୀମତୀ ସୁମିତ୍ରା ବେହେରା**
ଉପାଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ



**ଶ୍ରୀଯୁକ୍ତ ଗିରିଜା ଶଙ୍କର ସାହୁ**
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ

ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ନିବେଦନ

1 ଆଗାମୀ ଦିନରେ ଏକ ଆଦର୍ଶ, ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ଆଧୁନିକ ସହର ଗଠନ ନିମନ୍ତେ ପ୍ରୟାସ ଜାରୀ ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ ।

2 ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର ।

3 ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।

4 ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ । ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ ।

5 କର୍ତ୍ତବ୍ୟରତ ପୌର କର୍ମଚାରୀ ମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ ।

6 ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।

ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନକରି ପ୍ରଦ୍ୟୁଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।

7 ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

8 ପ୍ରତି ବର୍ଷ ଏପ୍ରିଲ୍ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ ।

9 ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ ।

10. ଖୋଲା ସ୍ଥାନରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ ।

11. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନଛାଡ଼ି ପୌରପାଳିକାର ସେପଟୁଲ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ ।

12. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବାପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲଡ଼ିଂ ଟ୍ୟାକ୍ସରେ ଅର୍ନ୍ତଭୁକ୍ତ କରାନ୍ତୁ ।

13. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ ।

14. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୂପରିଚାଳନା, 2016 ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ-ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇ ଗୋଟି ଡଷ୍ଟବିନ୍ ରଖି ପ୍ରତିଦିନ ନିଜନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବାରେ ସହଯୋଗ କରନ୍ତୁ ।

15. ପୌରାଞ୍ଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ ।

16. କୌଣସି ନିର୍ମାଣ କାର୍ଯ୍ୟ ବେଆଇନ୍ ଭାବେ କରନ୍ତୁ ନାହିଁ ।

"ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ୍ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ କରି ଗଢ଼ି ତୋଳି ଦୃଢ଼ ପ୍ରଗତି ପଥରେ ଆଗେଇନେବା"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

କରନ୍ତୁ ।

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ.
ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର
ଉପାଧକ୍ଷ
ଢେଙ୍କାନାଳ ପୌରପାଳିକା

ଶ୍ରୀମତୀ ଜୟନ୍ତୀ ପାତ୍ର
ଅଧକ୍ଷା
ଢେଙ୍କାନାଳ ପୌରପାଳିକା

## ଖୁଦୁରୁକୁଣୀ ଓଷା



ଜୟ ଜୟ ମା ମଙ୍ଗଳା ବିପଦ ହାରିଣୀ,
କେତେ ନାମେ ଅଛୁ ତୁଲୋ ହୋଇ ପୂଜାରିଣୀ ।
ଜୟ ଜୟ ମା ଖୁଦୁରୁକୁଣୀ ଦୁଃଖ ବିନାସିନୀ,
ଭୋଦୁଅ ମାସେ ପୂଜାକରନ୍ତି ମୋ ମା ଭଉଣୀ ।
ଜୟ ଜୟ ମା ଲୋ ଦୁର୍ଗତିନାସିନୀ,
ଅଧର୍ମ ପାପ କଳୁଷରୁ ତୁ ଲୋ ମୁକତି ପ୍ରଦାୟନୀ ।
ଜୟ ଜୟ ମା ଲୋ ଜଙ୍ଗଲବାସିନୀ ପ୍ରକୃତିରାଣୀ,

ଶ୍ରାବଣ ପୂର୍ଣ୍ଣିମା ପରେ ପ୍ରତି ରବିବାର ଦିନ , ଓଡ଼ିଆ ଘରର କୁମାରୀ ଝିଅ ମାନେ ନିଜ ଭାଇମାନଙ୍କ ନିମନ୍ତେ ମା ମଙ୍ଗଳା ଙ୍କୁ ଉପସନା କରିଥାନ୍ତି । ଏହାକୁ ଖୁଦୁରୁକୁଣୀ ପୂଜା କୁହାଯାଏ । ତେବେ ଏହି ପୂଜା ପଛରେ ଏକ କାହାଣୀ ରହିଛି ।

ପୂର୍ବେ ଉତ୍କଳ ନିଜ ନୌବାଣିଜ୍ୟ ନିମନ୍ତେ ବହୁ ପ୍ରସିଦ୍ଧ ଥିଲା । ଉତ୍କଳ ର ସାଧାବପୁଅ ମାନେ ବୋଇତ ନେଇ ଦୂର ଦେଶ କୁ ବଣିଜ ନିମନ୍ତେ ଯାଉଥିଲେ । ଏମିତି ଏକ ସାଧାବ ଘର ଥାଏ ଉତ୍କଳ ରେ , ସାତ ଭାଇ ମଧ୍ୟରେ ଏକ ଭଉଣୀ । ଭଉଣୀ ର ନାଁ ତପୋଇ । ଦିନେ ସାତ ଭାଇ ମିଶି ଦୂର ଦେଶ କୁ ବଣିଜ ନିମନ୍ତେ ବିଚାର କଲେ ଏବଂ ନିଜ ନିଜ ସ୍ତ୍ରୀଙ୍କୁ ତପୋଇ ର ଧ୍ୟାନ ରଖିବାକୁ କହି ବୋଇତ ନେଇ ଦୂର ଦେଶ ଅଭିମୁଖେ ଚାଲିଗଲେ । ତପୋଇ ଥିଲା ସମସ୍ତଙ୍କ ଅଲିଅଳି । ତା ଭାଉଜ ମାନେ ତାଙ୍କୁ ବହୁ ଆଦର ରେ ରଖୁଥିଲେ । ଦିନେ ଏକ ବୁଢ଼ୀ ତପୋଇର ସୁଖକୁ ସହ୍ୟ ନ କରିପାରି ୬ ଭାଉଜଙ୍କ କାନରେ ତପୋଇ ବିରୁଧରେ ବିଷ ଭରିଲା । ବୁଢ଼ୀର କଥା ରେ ପଡ଼ି ୬ ଜଣ ଭାଉଜ ତପୋଇକୁ ନାନା ନିର୍ଯାତନା ଦେଇଥିଲେ ।

**– ସୁନିଲ କୁମାର ଜେନା, ଭୁବନେଶ୍ୱର**

# ମା' ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା

ଅନୁଗୋଳ, ୩୧।୮ (ଅଜିତ): ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପ୍ରସିଦ୍ଧ ଧାର୍ମିକ ପୀଠ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ପବିତ୍ର ଯାତ୍ରା ଅବସରରେ ମା'ଙ୍କ ପୀଠ ପରିଦର୍ଶନ କରି ଦିବ୍ୟ ଦର୍ଶନ ଲାଭ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ । ଏହି ପବିତ୍ର ଅବସରରେ ମା' ରାମଚଣ୍ଡୀଙ୍କ ଚରଣ କମଳରେ ସମଗ୍ର ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ଆରୋଗ୍ୟମୟ ଜୀବନ କାମନା କରି ପ୍ରାର୍ଥନା କରିଥିଲେ ବିଧାୟକ ଶ୍ରୀ ପ୍ରଧାନ । ମା'ଙ୍କ ଆଶୀର୍ବାଦରେ ଅଞ୍ଚଳବାସୀଙ୍କ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ସେ କାମନା କରିଥିଲେ ।ଏହି ଭକ୍ତିମୟ ପରିବେଶରେ ତାଙ୍କ ସହ ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଅନୁଗୋଳ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଅରୁଣାଭ ସିଂହ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ସମେତ ମା' ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ମା' ରାମଚଣ୍ଡୀଙ୍କ ପବିତ୍ର ଯାତ୍ରାକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ ।

## କୌଡିଆମୁଣ୍ଡା ଏକ ବିରଳ କଇଁଛ ଉଦ୍ଧାର



ସୁବର୍ଣ୍ଣପୁର, ୩୧ ।୮(ସଂଗ୍ରାମ ମହାପାତ୍ର ) ଆଜି ଦେଖିବାକୁ ମିଳିଥିଲା ଏକ ବିରଳ କଇଁଛ ଏହା ଧୀରେ ଧୀରେ ରାସ୍ତାରେ ଯାଉଥିବା ବେଳେ ଏକ ବିରଳ କଇଁଛକୁ ଉଦ୍ଧାର କରାଯାଇଛି । ଖବର ପ୍ରଚାରିତ ହେବା ମାତ୍ରେ ଦେଖିବା ପାଇଁ ଲୋକଙ୍କ ନାହିଁ ନଥିବା ପ୍ରବଳ ଭିଡ଼ ଜମିଛି । ମିଳିଥିବା ଖବର ଅନୁସାରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ କୌଡିଆମୁଣ୍ଡା ଗାଁର ସତ୍ୟପୀର ନାୟକ ଏକ ବିରଳ ପ୍ରଜାତିର ହଳଦିଆ ରଙ୍ଗର କଇଛକୁ ରାସ୍ତାରେ ଯାଉଥିବା ଦେଖିବାକୁ ପାଇଥିଲେ । ଏହି କଇଁଛର ପଛ ପଟରେ ପଦ୍ମ ଚିହ୍ନ, ଲକ୍ଷ୍ମୀଙ୍କ ଦୁଇଟି ପାଦ ଚିହ୍ନ ଓ ମସ୍ତକରେ ବିନ୍ଦି ଚିହ୍ନ ରହିଥିବା ଦେଖିବାକୁ ମିଳୁଛି । ତେବେ ଆଜି କଇଁଛ କୁ ଦେଖିବା ପାଇଁ ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଗାଁ ଲୋକଙ୍କ ଭିଡ଼ ଜମୁଛି । ତେବେ ଏହାକୁ ବନବିଭାଗ ଉଦ୍ଧାର କରି ନଦୀ ରେ ଛାଡି ଦେଇଥିବା ଜଣା ପଡିଛି ।

## ୪ କିମି ପାହାଡ଼ ଚଢ଼ି ଅପହଞ୍ଚ କପରଗଡ଼ ଗାଁରେ ପହଞ୍ଚିଲେ ବିଧାୟକ

ନୂଆପଡ଼ା ୩୧।୮ (ମୋହନ ଲାଲ ଦୀପ): ନୂଆପଡ଼ା ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ କିରିକିଟା । ଗ୍ରାମପଞ୍ଚାୟତ ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ଅପହଞ୍ଚ ଇଲାକା କପରଗଡ଼ ରେ ପହଞ୍ଚିଛନ୍ତି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ । ଆଦିବାସୀ କଲ୍ୟାଣ ମହାସଂଘ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ପ୍ରାୟ ୪ କିଲୋମିଟର ପାହାଡ଼ ଚଢ଼ି ଏହି ଦୁର୍ଗମ ଗ୍ରାମରେ ପହଂଚିଥିଲେ । ସୂଚନାଯୋଗ୍ୟ ଯେ, ଏହି ଗ୍ରାମରେ ମୋଟ ୧୮ଟି ପରିବାର (୧୬ଟି ଆଦିବାସୀ ଓ ୨ଟି ଓବିସି) ବସବାସ କରନ୍ତି, ଯାହାର ମୋଟଜନସଂଖ୍ୟା ୮୦। ସେଥିମଧ୍ୟରୁ ୧୮ ଜଣ ଛାତ୍ରଛାତ୍ରୀ ରହିଛନ୍ତି । ସାଧୀନତାର ବହୁ ବର୍ଷ ବିତି ଯାଇଥିଲେ ବି ଗ୍ରାମକୁ ରାସ୍ତାଟିଏ ନଥିବାରୁ ଗ୍ରାମବାସୀ ଦୁର୍ବିସହ ଜୀବନ ବିତାଉଥିବା ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ପରେ ବିଧାୟକ ଶ୍ରୀ ପାଣିଗ୍ରାହୀ କେତେକ ଗୁରୁତ୍ୱପୂର୍ଣ ପ୍ରତିଶ୍ରୁତି ଓ ସାହାଯ୍ୟ ଘୋଷଣା କରିଛନ୍ତି । ରାସ୍ତା ନିର୍ମାଣ : ଗ୍ରାମକୁ ସଂଯୋଗୀକରଣ ରାସ୍ତା ପାଇଁ ଜଙ୍ଗଲ ବିଭାଗ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ । ସୋଲାର ଲାଇଟ୍ : ପ୍ରତ୍ୟେକ ଘରେସୋଲାର ଲାଇଟ୍ ଲଗାଇବାକୁ ପ୍ରତିଶ୍ରୁତି । ଶିକ୍ଷା ସୁବିଧା: ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ୨ ଜଣ ମହିଳାଙ୍କୁ ନିଜ ପକେଟ ରୁ ମାସିକ ୨,୦୦୦ ଟଙ୍କା ଲେଖାଏଁ ଭତା ପ୍ରଦାନ ସହ ସମସ୍ତ ପିଲାଙ୍କୁ ବହି ଓ ଡ୍ରେସ୍ ଯୋଗାଇ ଦିଆଯିବ । ଗ୍ରାମର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ହଲ୍ ନିର୍ମାଣ କରାଯିବ । ଯେଉଁଥିରେ ଛାତ୍ର ଛାତ୍ରୀ ମାନେ ଅସ୍ଥାୟୀ ଭାବରେ ପାଠ ପାଢ଼ୀ ପାରିବେ । ଏହି କାର୍ଯ୍ୟକ୍ରମରେଖଡ଼ିଆଳ ଜଙ୍ଗଲ ବିଭାଗ ଏସିଏଫ୍ ପ୍ରସନ୍ନଜିତ ନାଏକ, ଖଡ଼ିଆଳ ବିଡିଓ ମିଲନ କୁମାର ଝାଙ୍କର, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଆଦିବାସୀ ନେତା ଘାସିରାମ ମାଝି, ଅବସରପ୍ରାପ୍ତ ଏସିଏଫ୍ ଜୟରାମ ଶବର, ଜଙ୍ଗଲ ବିଭାଗ ଅଧିକାରୀ ଏବଂ ବିଜେଡି ନେତା ମନୋଜ ଶୁନାନୀ, ପ୍ରଦୀପ ଧୁଣ୍ଡିଆ, ସାନଜଗତ, ଟିଟୁ ପାଣ୍ଡେ, ସୁବାଷ ବଘେଲ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକଙ୍କ ଏହି ଗସ୍ତକୁ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯିବା ସହ କପରଗଡ଼ବାସୀ ଯେପରି ମୌଳିକ ସୁବିଧାରୁ ବଂଚିତ ନ ହୁଅନ୍ତି, ସେଥିପ୍ରତି ନୂଆପଡ଼ା ଜିଲ୍ଲା ପ୍ରଶାସନ ସତନ୍ତ୍ର ଧ୍ୟାନ ଦେବାକୁ ଦାବି ହୋଇଛି ।

# ନରସିଂହପୁରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଆଠଗଡ଼, ୩୧।୮(ଅକ୍ଷର ଓଡ଼ିଶା) ନରସିଂହପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଯୋଗ ଦେଇଥିଲେ ବିଧାୟକ ବିଜୟ କୁମାର ଦଳବେହେରା ।ଏହି ଅବସରରେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଜ୍ଞାନନ୍ଦ ଶତପଥୀ, ଅଢେଇଗୁଣ୍ଠି ଗ୍ରାମପଞ୍ଚାୟତ ସମିତିସଭ୍ୟ ମନୋଜ କୁମାର ପଣ୍ଡା, ବାଲିଝରି ଗ୍ରାମପଞ୍ଚାୟତ ସମିତିସଭ୍ୟ ମହେଶ୍ୱର ସେଠୀ, ଜୟମଙ୍ଗଳ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରକାଶ ମହାପାତ୍ର, ନୂଆପାଟଣା ଗ୍ରାମପଞ୍ଚାୟତର ସରପଞ୍ଚ ମାନସ କୁମାର ସାହୁ, କମଳାଡିହ ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀ ଶରତ ଚନ୍ଦ୍ର ଖଟୁଆ,ଏନଏସିର ଝାଡୁଦାର କମିଟିର ପ୍ରତିନଧି ତଥା ଯୁବ ନେତୃତ୍ୱ ତୁଷାର, ୧୭ ନମ୍ବର ଜୋନ୍ ସଭାପତି ବିଶ୍ୱମ୍ବର ଦଳେଇ, ପରିଷଦର ଅଧିକାରୀ, କର୍ମଚାରୀ ଓ ସମସ୍ତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ଗୁରୁତ୍ୱ, ଜନସାଧାରଣଙ୍କୁ ଉନ୍ନତ ନାଗରିକ ସେବା ପ୍ରଦାନ ଏବଂ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସ୍ୱାୟତ୍ତ ଶାସନ ଦିବସ କେବଳ ଏକ ଉତ୍ସବ ନୁହେଁ ଏହା ଜନତାଙ୍କ ପାଇଁ, ଜନତାଙ୍କ ସହଭାଗିତାରେ ସ୍ଥାନୀୟ ଶାସନର ଧାରଣାକୁ ମଜବୁତ କରିବାର ଏକ ଅବସର । ଏହା ମାଧ୍ୟମରେ ସ୍ଥାନୀୟ ସ୍ତରରେ ଗଣତନ୍ତ୍ର, ଜନ ସହଭାଗିତା, ଉତ୍ତରଦାୟିତ୍ୱ ଓ ସୁଶାସନର ମହତ୍ତ୍ୱକୁ ଉଜାଗର କରାଯାଏ ବୋଲି ବିଧାୟକ ଶ୍ରୀ ଦଳବେହେରା କହିଥିଲେ ।



## ଭକ୍ତିମୟ ପରିବେଶରେ ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ



ଅନୁଗୋଳ, ୩୧ ।୮ (ଅଜିତ ) ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଉତ୍ସାହରେ ମୁଖରିତ ହୋଇଛି ଅନୁଗୋଳ ସହର। ଅନୁଗୋଳବାସୀଙ୍କ ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଜନ୍ମଦିନ ତଥା ବାର୍ଷିକ ଯାତ୍ରା ପାରମ୍ପରିକ ରୀତିନୀତି ଓ ଧୁମଧାମରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମା'ଙ୍କ ମନ୍ଦିର ସମେତ ହୁଲୁରିସିଂହାଠାରୁ ଆଲମ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାରେ ଭକ୍ତଙ୍କ ଭିଡ଼ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ପାରମ୍ପରିକ ରୀତିନୀତି, ଭକ୍ତି ଓ ଶ୍ରଦ୍ଧାର ସହ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ମା' ବୁଢ଼ୀ ଠାକୁରାଣୀ ଅନୁଗୋଳବାସୀଙ୍କ ଆସ୍ଥା, ବିଶ୍ୱାସ ଓ ଭକ୍ତିର ପ୍ରତୀକ ଭାବେ ପରିଚିତ । ମା'ଙ୍କ ଯାତ୍ରା ଅବସରରେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।ଭକ୍ତମାନେ ମା'ଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ । ମା' ବୁଢ଼ୀ ଠାକୁରାଣୀଙ୍କ ଆଶୀର୍ବାଦ ସଦାସର୍ବଦା ସମସ୍ତଙ୍କ ଉପରେ ରହୁ ଏବଂ ମା' ସମସ୍ତଙ୍କୁ ଘଣ୍ଟ ଘୋଡ଼ାଇ ରଖନ୍ତୁଏହାହିଁ ଭକ୍ତଙ୍କ ପ୍ରାର୍ଥନା ।

## ଫୁଲବାଣୀ ପକ୍ଷରୁ ହର ଘର ତ୍ରିରଙ୍ଗା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଫିରିଙ୍ଗିଆ ୩୧ ।୮ (ଅକ୍ଷର ଓଡ଼ିଆ) : ଭାରତ ସରକାରଙ୍କର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ରୀୟ କାର୍ଯ୍ୟାଳୟ, ଫୁଲବାଣୀ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପି ଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ନେଡିପଦର ପରିସରରେ 'ହର ଘର ତ୍ରିରଙ୍ଗା' ସମ୍ପର୍କିତ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଜଳନ୍ଧର କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଏହି ଅବସରରେ ସ୍କୁଲ ଛ

## ୨୦୩ କେଜି ଗଞ୍ଜେଇ ଜବତ: ମାଲକାନଗିରି ଅବକାରୀ ବିଭାଗର ବଡ଼ ସଫଳତା

ମାଲକାନଗିରି-୩୧/୦୮/(ପ୍ରଦୀପ ରାଉଳ)ମାଲକାନଗିରି ଅବକାରୀ ଥାନା ପକ୍ଷରୁ ଏକ ବିଶେଷ ଚଢ଼ାଉ କରାଯଇ ୨୦୩ କେଜି ଗଞ୍ଜେଇ ଜବତ କରାଯାଇଛି ।ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଅଧୀନସ୍ଥ ଝାଟିଗୁଡ଼ା ଗ୍ରାମର ପଶ୍ଚିମ ପାର୍ଶ୍ୱ ଜଙ୍ଗଲ ଅଞ୍ଚଳରେ ଅବକାରୀ ଟିମ୍ ଚଢ଼ାଉ କରିଥିଲା । ଜଙ୍ଗଲର ଏକ ବୁଦା ନିକଟରେ ଲୁଚାଯାଇଥିବା ୮ଟି ଜରି ବ୍ୟାଗରୁ ସମୁଦାୟ ୨ କୁଇଣ୍ଟାଲ ୩ କେଜି (୨୦୩ କେଜି) ଗଞ୍ଜେଇ ଉଦ୍ଧାର ହୋଇଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି ।ଚଢ଼ାଉ ସମୟରେ ଘଟଣାସ୍ଥଳରେ କୌଣସି ଅଭିଯୁକ୍ତ ଉପସ୍ଥିତ ନଥିବାରୁ, ଅବକାରୀ ବିଭାଗ ପକ୍ଷରୁ ଏନ ଡି ପି ଏସ ଆକ୍ଟ , ୧୯୮୫ ଅନୁଯାୟୀ ଏକ ଅଜଣା ମାମଲା ରୁଜୁ କରାଯାଇଛି । ଏହି ଗଞ୍ଜେଇ କାହାର ଓ କେଉଁଠାକୁ ଚୋରାଚାଲାଣ କରାଯାଉଥିଲା, ସେ ନେଇ ତଦନ୍ତ ଜାରି ରହିଛି ।ଏହି ଚଢ଼ାଉ ଅପରେସନରେ ଅବକାରୀ ଏସ୍.ଆଇ. ତେଜରାଜ ଗହୀର, ଏ.ଏସ୍.ଆଇ. ରାମଚନ୍ଦ୍ର ହନ୍ତାଳ, କନଷ୍ଟେବଳ ବିପୁଲ ଶେଖର ଯୋଧାର, ଜୁଲି ସା ଏବଂ ପବିତ୍ର ଭତ୍ରା ପ୍ରମୁଖ ସାମିଲ ଥିଲେ ।

## ବେଆଇନ ଗୋଚାଲାଣ, ୬ ଗୋରୁ ସହ ଗାଡି ଜବତ, ୨ ଗିରଫ

ବୁଗୁଡା ୩୧/୦୮/(ଅକ୍ଷର ଓଡିଶା ) : ବେଆଇନ ଗୋଚାଲାଣ ବେଳେ ବୁଗୁଡ଼ା ଥାନା ଅନ୍ତର୍ଗତ ଷୋଳମଇଲିଠାରେ ପୋଲିସ ୬ଟି ଗୋରୁ ବୋଝେଇ ଏକ ଗାଡିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଦୁଇ ଜଣ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଷପୁର ଗ୍ରାମର ମିଥୁନ ନାୟକ (୩୨) ଓ କୁଳମଣି ଜେନା (୪୨) । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ପୋଲସରା ଥାନା ଅନ୍ତର୍ଗତ ଭାବରଡା ଗ୍ରାମରୁ ଦିଗପହଣ୍ଡିକୁ ବେଆଇନ ଗୋଚାଲାଣ ହେଉଥିବା ଏକ ଗାଡି (ନଂ-ଓଡି-୦୭ଏଏ - ୦୫୫୮) ଷୋଳମଇଲିଠାରେ ପେଟ୍ରୋଲିଂ କରୁଥିବା ପୋଲିସ ହାବୁଡରେ ପଡିଥିଲା । ସେଥିରେ ୨ଟି ବଳଦ ଓ ୪ଟି ଗାଈ ବୋଝେଇ ହୋଇଥିଲା । ପୋଲିସ ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା ।

## ନାର୍ଯ୍ୟ ଦାବି ପୂରଣ ନହେଲେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବ
# ଗଜପତି ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ




ପାରଳାଖେମୁଣ୍ଡି, ୩୧/୮ (ତାରିଣୀ ପ୍ରସାଦ ପଣ୍ଡା): ପ୍ରାଥମିକ ଶିକ୍ଷକମାନଙ୍କ ନାର୍ଯ୍ୟ ଦାବି ଗୁଡିକୁ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲୁଛନ୍ତି. ଏହି ଦାବି ଗୁଡିକୁ ତୁରନ୍ତ ପୁରଣ କରାନଗଲେ ବିଧାନସଭାର ଆଗାମୀ ଶୀତ ଅଧିବେଶନରେ ଶିକ୍ଷକମାନେ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଗଜପତି ଜିଲ୍ଲା ପ୍ରାଥମିକ ଚିକିତ୍ସା ସଂଘ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି. ରାଜ୍ୟ ଶିକ୍ଷା ନିଦେ୍ର୍ଶକଙ୍କ ଚିଠି ପ୍ରକାରେ ସମସ୍ତ ଜିଲ୍ଲାରେ ଶିକ୍ଷକ ପଦୋନ୍ନତି ହୋଇଯାଇଥିଲେ ସୁଧା ଗଜପତି ଜିଲ୍ଲାରେ କୋଉ କାରଣରୁ ବ୍ଲକ ଗୁଡିକ ନିର୍ଦ୍ଧାରିତ ତାରିଖ ସୁଧା ତାଲିକା ପଠାଇ ନାହାନ୍ତି, ତାର ଅନୁସନ୍ଧାନ ହେବା ଆବଶ୍ୟକ ବୋଲି ସଂଘ ଦାବୀ କରିଛି. କିଛି ବ୍ଲକ ରେ କାର୍ଯ୍ୟାଳୟ ଗୁଡିକ ଦାୟୀତ୍ୱରେ ଡେପୁଟେସନ ଥିବା ଶିକ୍ଷକ ମାନେ ଜାଣି ଶୁଣି ଅବହେଳା କରି ଶିକ୍ଷା ପ୍ରଶାସନକୁ ବଦନାମ କରୁଥିବା ରୁ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପଦୋନ୍ନତି ତାଲିକା ପ୍ରକାଶ କରିବା କୁ ସଙ୍ଘ ଦାବୀ କରିଛି. ଗତ ୨୧/୮/୨୫ ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ପ୍ରକାରେ ୬ ଟି ନୋଶନାଲ ଇନ୍କ୍ରିମେଣ୍ଟ ସହ ୬ ବର୍ଷ କାର୍ଯ୍ୟକୁ ମୂଳ ଚାକିରୀରେ ଯୋଡିବା,କ୍ୟାଡର ରୁଲ ସଂଶୋଧନ କରି ୩୪,୫୦୦/ ଦରମା ସହ ଗ୍ରେଡ୍ ପେ ଦାବୀ, ଜାତୀୟ ଶିକ୍ଷା ନୀତି ପ୍ରକାରେ ଶିକ୍ଷକଙ୍କ ସମସ୍ତ ସୁବିଧା ଯୋଗାଇବା କୁ ଦାବୀ ହୋଇଛି, ନଚେତ ମୌସୁମୀ ଅଧିବେଶନ ବେଳେ ପୁଣି ରାଜ ମାର୍ଗ କୁ ଶିକ୍ଷକ ସଙ୍ଘ ଆସିବ ବୋଲି କହିଛି. ଉପ ସଭାପତି ବି ଗୋପାଳ ରାଓ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ବହୁ ଶିକ୍ଷକ କାର୍ଯ୍ୟ କର୍ତା ଆର. ମଧୁ କୁମାର, ଜେ. ଲୋକନାଥ, ଭାଗିରଥି ନାୟକ. ମାଣ୍ଡୁଲା ଉମା ପତି, ପ୍ରଭାତ ପାଢ଼ୀ ଯୋଗ ଦେଇଥିଲେ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର
# ୧୯୪ଲିଖିତ ଅଭିଯୋଗରୁ ତୁରନ୍ତ ୧୦୬ ସମାଧାନ



ରଣପୁର ୩୧/୮(ଅକ୍ଷର ଓଡିଶା ) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରଣପୁର ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ. ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ,ବ୍ଲକ ଅଧକ୍ଷା ନିର୍ମଳା ବେହେରା ଓ ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ !ଲୋକମାନେ କିପରି ଶୀଘ୍ର ପ୍ରଶାସନିକ ସେବା ପାଇପାରିବେ ସେଥିପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରଣପୁର ବ୍ଲକ ପ୍ରଶାସନ ତରଫରୁ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ କରାଯାଉଅଛି ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଏହି ପ୍ରଶାସନ ସେବା କାର୍ଯ୍ୟକ୍ରମରେ କୃଷି, ପଞ୍ଚାୟତିରାଜ, ମତ୍ସ୍ୟ ଓ ପଶୁ ପାଳନ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ,ବିଦ୍ୟୁତ ବିଭାଗ, ଶିଶୁ କଲ୍ୟାଣ ବିଭାଗ,ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ଶିକ୍ଷା ଇତ୍ୟାଦି ବିଭାଗ ଗୁଡିକର କାର୍ଯ୍ୟନିର୍ବାହୀ ଅଧିକାରୀମାନେ( ୧୯୪)ଜଣ ଲୋକମାନଙ୍କର ଲିଖିତ ଅଭିଯୋଗକୁ ପଞ୍ଜିକୃତ କରିଥିଲେ ସେଥି ମଧ୍ୟରୁ ୧୭୪ଗ୍ରାମ ସମସ୍ୟା ଓ ୫ ମୁଖ୍ୟମନ୍ତ୍ରୀ ସହାୟତା ଅନ୍ୟାନ୍ୟ ୧୫ ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ତୁରନ୍ତ ୧୦୬ ଲିଖିତ ଅଭିଯୋଗ ସମାଧାନ କରିଥିଲେ ।

## ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ରାଜ୍ୟସ୍ତରକୁ ମନୋନୀତ ହେଲେ ଛାତ୍ର ଦିବ୍ୟାଂଶୁ



ଖଣ୍ଡପଡ଼ା ୩୧ ।୮ (ଅକ୍ଷର ଓଡ଼ିଶା) ନୟାଗଡ଼ ଜିଲ୍ଲାସ୍ତରୀୟ ଲେଭେଲ-୩ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରି ଖଣ୍ଡପଡ଼ା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ପରମଗୁରୁ ରାଜ୍ୟସ୍ତରୀକୁ ମନୋନୀତ ହୋଇଥିବା ଜଣାଯାଇଛି ।ଛାତ୍ରଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନ କର୍ତ୍ତୃପକ୍ଷ ଗର୍ବ ଅନୁଭବ କରିବା ସହ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ଜଣାଯାଇଛି ।ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ଓ ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ସୁଜାତା ସାହୁଙ୍କ ଉପସ୍ଥିତିରେ ସଂପୃକ୍ତ ଛାତ୍ରକୁ ପ୍ରମାଣପତ୍ର ସହ ଏକ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି ।

## ନିମାପଡ଼ା ଏନ୍‌ଏସି ପକ୍ଷରୁ ମହାସମାରୋହରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ନିମାପଡ଼ା, ୩୧ ।୮ (ବିଜୟ ବେହେରା): ନିମାପଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ରାମଧୁନ୍ ଓ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା । ପରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ, ବରପୁତ୍ର ଓ ଶହୀଦମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା ।ଏହାପରେ ଜାତୀୟ ପତାକା ଉତ୍ତୋଳନ ସହିତ ନିମାପଡ଼ା ଏନ୍‌ଏସିର ୨୧ଟି ୱାର୍ଡରେ ନୂତନ ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଥିଲା । ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ ପରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏନ୍‌ଏସି ସଭାନେତ୍ରୀ ସଞ୍ଜୁକ୍ତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଜଚିନ୍ଦ୍ର କୁମାର ସ୍ୱାଇଁ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହନ୍ତି, ଉପାଧକ୍ଷ ସରୋଜ କୁମାର ଦାଶ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାସ, ରାଜକିଶୋର ସାହୁ, ନନ୍ଦନନ୍ଦନ ନାୟକ, ନିବେଦିତା ପଟ୍ଟନାୟକ, କବିତା ପ୍ରଧାନ, ଅନସୂୟା ପାଣି, ଚିକିନା ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇଥିଲେ ।କାର୍ଯ୍ୟକ୍ରମରେ ନଗର ବିଜେପି ଗ୍ରୁପ୍ ସଭାପତି ସାଲୁ ପ୍ରିତମ ପଟ୍ଟନାୟକ, ଆମା ସଭ୍ୟ ବିଜୟ କୁମାର ପରିଡ଼ା, ଗ୍ରାମାଞ୍ଚଳ ସଭାପତି ସତ୍ୟବ୍ରତ ସ୍ୱାଇଁ, ଅର୍ଦ୍ଧେନ୍ଦୁଶେଖର ପରିଡ଼ା, ଅତିଶ ପଟ୍ଟନାୟକ, ପୂର୍ବତନ କାଉନସିଲର ବିରେନ୍ଦ୍ର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବଦତ୍ତ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ଦାଶ ପ୍ରମୁଖ ଯୋଗଦେଇଥିଲେ ।କାର୍ଯ୍ୟକ୍ରମକୁ ପ୍ରିୟରଞ୍ଜନ ସାହୁ ସଂଯୋଜନା କରିଥିବା ବେଳେ ଡିଏମ୍‌ସି ଶ୍ୱେତପଦ୍ମା ରଥ ସହଯୋଗ କରିଥିଲେ । ପରିଶେଷରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲୁଗାଁରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବାଲୁଗାଁ, ୩୧/୦୮ (ଅକ୍ଷର ଓଡିଶା ) ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ମହା ସମାରୋହରେ ପାଳନ କରାଯାଇଛି.ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶାର ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ.ଏହି ଅବସରରେ ସେ କହିଥିଲେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଜାଗା ମିଶନ, ମୁକ୍ତା, ଆହାର, ଆମ ବସ୍, ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ଲୋକାଭିମୁଖୀ ଯୋଜନାକୁ ତ୍ୱରାନ୍ୱିତ କରୁଛନ୍ତି ସରକାର. ସମୃଦ୍ଧ ସହର ଯୋଜନା ମାଧ୍ୟମରେ ସହରୀକରଣ ଓ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ଦିଆଯାଉଛି. ଉନ୍ନତ ରାସ୍ତା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଆଲୋକୀକରଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ଶିଳ୍ପ ନଗର ବିକାଶକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି. ଲକ୍ଷ୍ୟ ୨୦୩୬ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ସହରକୁ ସମୃଦ୍ଧ ସହର ଭାବେ ଗଢି ତୋଳିବା ହେଉଛି ସରକାରଙ୍କ ଲକ୍ଷ୍ୟ.ନଗରାଞ୍ଚଳ ବିକାଶରେ କାଉନସିଲର ଓ ଅଧକ୍ଷ-ଅଧକ୍ଷାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନେ ହେଉଛନ୍ତି ଜନସାଧାରଣଙ୍କ ସବୁଠୁ ନିକଟତମ ଜନପ୍ରତିନିଧି.ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପ-ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶ୍ରୀମତୀ ସୁକାନ୍ତି ପାଇକରାୟ, ଉପାଧକ୍ଷ ଭଗବାନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍ ଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ ଓ ସ୍ଥାନୀୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।



## ଚମ୍ପୁଆ ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଚମ୍ପୁଆ: ୩୧/୮(ରାମକୃଷ୍ଣ ଜିତ ):-ଚମ୍ପୁଆ ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଛି । ଏହି ଅବସରରେ ଏନଏସି କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା । ପରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ।ସ୍ଥାନୀୟ ଧରଣୀଧର ନଗର ଭବନଠାରେ ସ୍ୱାୟତ୍ତ ଶାସନ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ଏନଏସିର ସ୍ୱଚ୍ଛତା କର୍ମୀମାନଙ୍କୁ ସ୍ୱାସ୍ଥ୍ୟ କିଟ୍ ପ୍ରଦାନ କରାଯାଇଥିଲା । ଏଥିରେ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧକ୍ଷା ସୁମିତ୍ରା ବେହେରା, ଜୀବନ ବେହେରା ଓ ପ୍ରକାଶ ଚନ୍ଦ୍ର କୁଣ୍ଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସ୍ୱଚ୍ଛତା କର୍ମୀଙ୍କୁ କିଟ୍ ବଣ୍ଟନ କରିଥିଲେ ।ଏହା ପୂର୍ବରୁ ଆୟୋଜିତ ରେଙ୍ଗାଲି କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏନଏସିର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର କୁଣ୍ଡୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଏନଏସି କର୍ମଚାରୀ, ସ୍ୱଚ୍ଛତା କର୍ମୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।



## ହିଞ୍ଜିଳିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ହିଞ୍ଜିଳିକାଟୁ,୩୧/୮(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପୌର ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପଲେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ ଭାଇ, ଭଉଣୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ପୌରାଞ୍ଚଳ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ପୌରପରିଷଦ ଉପାଧକ୍ଷା ସୁଚିତ୍ରା ପଣ୍ଡା,ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ ଶ୍ରୀକାନ୍ତ ସାହୁ, ତହସିଲଦାର ତପନ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ପୂର୍ବରୁ ଆୟୋଜିତ ପ୍ରବନ୍ଧ, ସଙ୍ଗୀତ, ଚିତ୍ର ଭଳି ବିଭିନ୍ନ ପ୍ରତିଯୋଗିତାରେ ବରିଷ୍ଠ କନିଷ୍ଠ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାଉନସିଲର,ପୌର କର୍ମଚାରୀ ଓ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।ପରିଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ନିଖିଳ ସ୍ୱାୟତ୍ତ ଶାସନ ଦିବସରେ କିଛି ତୁଙ୍ଗ ନେତାଙ୍କ ଅନୁପସ୍ଥିତ ରହିଥିବା ଯୋଗୁଁ ସହରରେ ଚର୍ଚ୍ଚା ଜୋର ଧରିଛି




## ପୁରୁଷୋତ୍ତମପୁର ଏନଏସି ରେ ଧୁମଧାମରେ ପାଳିତ ହେଲା ସ୍ୱାୟତ୍ତ ଶାସନ ଦିବସ

ପୁରୁଷୋତମପୁର ୩୧/୦୮ (ଅକ୍ଷର ଓଡିଶା )ପୁରୁଷୋତ୍ତମପୁର ବିଜ୍ଞାପିତ ଆଞ୍ଚଳ ପରିଷଦ ତରଫରୁ ବହୁମୁଖୀ ଇଣ୍ଡୋର ଷ୍ଟାଡିଏମ ପରିସର ରେ ଏନଏସି ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ଓ କାର୍ଯ୍ୟନିର୍ବାହି ସଅଧିକାରୀ ସଙ୍ଗୀତା କୁମାରୀ ସେଠୀଙ୍କ ମିଳିତ ସଂଯୋଜନାରେ ସ୍ୱାୟତ ଶାସନ ଦିବସ ପାଳିତ ହୋଇ ଥିଲା । ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ଜାତୀୟ ପତାକା ଉତ୍ତୋଳନ ପରେ ଜାତୀୟ ସଂଗୀତ ଗାନ କରାଯାଇ ଥିଲା । ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଆସ୍କା ସାଂସଦ ଶ୍ରୀମତୀ ଅନିତା ସୁଭଦର୍ଶିନୀ, ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ଏସ ଡି ପିଓ ସୁଜିତ କୁମାର ନାୟକ , ଥାନା ଅଧିକାରୀ କୁଳମଣୀ ସେଠୀ, ମୁଖ୍ୟ ବକ୍ତା ଭାବେ ତହସିଲ ବିନୋଦ କୁମାର ବେହେରା, ଏମପି ପୁରୁଷୋତ୍ତମପୁର ଏନଏସି ନମିନି ବିଶ୍ୱଜିତ ମହାପାତ୍ର, ଏକନଂ କାଉନ ସିଲର ଭବାନୀ ଶଙ୍କର ନାହାକ, ୨ନଂ କାଉନ ସିଲର ଭାସ୍କର ବେହେ

ମଙ୍ଗଳବାର ୦୧।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ନିଜସ୍ୱ ପାଣ୍ଠି ସଂଗ୍ରହରେ ରାଜ୍ୟରେ ଶ୍ରେଷ୍ଠ ହିନ୍ଦୋଳ ଏନ.ଏ.ସି , ୨ କୋଟିର ପୁରସ୍କାର



ଢେଙ୍କାନାଳ, ୩୧/୮ (ବିଜ୍ଞାନ ମହାନ୍ତି ) ଢେଙ୍କାନାଳ ଜିଲ୍ଲା ପାଇଁ ଗର୍ବର ମୁହୂର୍ତ୍ତ। ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନିଜସ୍ୱ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜ୍ୟରେ ଶ୍ରେଷ୍ଠ ବିବେଚିତ ହୋଇ ସମ୍ମାନିତ ହୋଇଛି। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରୁ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ ଓ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏଥିସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ସଫଳତା ପଛର ମୁଖ୍ୟ କାରଣ ହେଉଛି ହୋଲ୍ଡିଂ ଟ୍ୟାକ୍ସ ବକେୟା ଆଦାୟ। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରି ଆଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ହିନ୍ଦୋଳ ବାସୀଙ୍କ ସହଯୋଗରୁ ବହୁ ବକେୟା ଅର୍ଥ ଆଦାୟ ହୋଇପାରିଛି ଏବଂ ଏଥିସହ ଦୀର୍ଘ ଦିନରୁ ନିଲାମ ହୋଇନଥିବା ବିଭିନ୍ନ ସୈରାତକୁ ନିଲାମ କରାଯାଇଛି। ଏହି କ୍ରମରେ ମୋଟ ୪୪ଟି ଟେଣ୍ଡର ପ୍ରକ୍ରିୟା କରାଯାଇ ନିଜସ୍ୱ ପାଣ୍ଠି ବୃଦ୍ଧି କରାଯାଇଛି। ମିଳିଥିବା ୨ କୋଟି ଟଙ୍କାକୁ ଭବିଷ୍ୟତରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଆର୍ଥିକ ସ୍ୱାବଲମ୍ବନ ପାଇଁ ଦୋକାନ ଗୃହ, ଭେଣ୍ଡିଂ ଜୋନ୍ ଆଦି ନିର୍ମାଣରେ ବିନିଯୋଗ କରାଯାଇ ନିୟମିତ ରାଜସ୍ୱ ବୃଦ୍ଧି କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ବେହେରା କହିଛନ୍ତି।

# ତରଭା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର:୩୧ ।୮(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀମତୀ ଅଞ୍ଜଳୀନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଲଳିତା ଲିଲିମା ବାର୍ଲା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୨୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଦରଖାସ୍ତ ଥିଲା ।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାନା ଉପସ୍ଥିତ ଥିଲେ ।ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ଶିବାନନ୍ଦ କର୍ମାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ, ସହକାରୀ କଲେକ୍ଟର (ଜନ ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୋରାପୁଟରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି




କୋରାପୁଟ, ୩୧/୦୮(ସମୀର ): କୋରାପୁଟ ସଭାବନା ସଭାଗୃହଠାରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏହି ଶୁଣାଣିରେ ଜନସାଧାରଣଙ୍କ ମୋଟ ୫୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩ଟି ଗୋଷ୍ଠୀଗତ ଓ ୫୧ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଆର୍ଥିକ ସହାୟତା, ଘର ପଟ୍ଟା, ଜମିଜମା ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ, ରାସ୍ତା ଓ ଯାତାୟାତ, ବିଦ୍ୟୁତ ସରବରାହ ଆଦି ବିଭିନ୍ନ ସମସ୍ୟା ନେଇ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଉପସ୍ଥାପନ କରିଥିଲେ। ଏଥିମଧ୍ୟରୁ ୧୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।ଜିଲ୍ଲାପାଳ ଶ୍ରୀ ମହାଜନ ଅଭିଯୋଗକାରୀମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ତ୍ୱରିତ ଓ ନିୟମାନୁଯାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।ଶୁଣାଣିରେ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କୋରାପୁଟ ବେଣୁଧର ସବର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ରବୀନ୍ଦ୍ର ନାଥ ଏବଂ ପିଏ, ଆଇଟିଡିଏ, କୋରାପୁଟ ଶ୍ରୀମତୀ ସ୍ନେହପ୍ରଭା ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଶବସତ୍କାରର ମାସେପରେ ଘରକୁ ଫେରିଲେ ସନାତନ

ଖଜୁରିଆକଟା ୩୧/୮(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଘଟିଛି ଆଶ୍ଚର୍ଯ୍ୟଜନକ ଚାଞ୍ଚଲ୍ୟକର ଘଟଣା ମୃତ୍ୟୁଘୋଷଣାର ମାସେପରେ ଘରକୁ ଫେରିଲା ପୁଅ ଯାହାକୁ ନେଇ ଉପଖଣ୍ଡରେ ଚର୍ଚ୍ଚା ଜୋରଧରିଛି। ଖବରରୁ ପ୍ରକାଶ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ବିଷିଙ୍ଗା ଗ୍ରାମର ଲିଙ୍ଗରାଜ ନାଏକ ଓ ମଞ୍ଜୁ ନାଏକଙ୍କ ମାନସିକ ବିକାରଗ୍ରସ୍ତ ପୁଅ ସନାତନ ନାଏକ ପ୍ରାୟ ମାସେ ତଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ଜାରି ରଖିଥିବାବେଳେ ଗତ ଜୁଲାଇ ୨୭ ତାରିଖରେ ରାସୋଳ ଥାନା କୁନୁଆଁ ଗାଁ'ର ଏକ ଚାଷଜମିରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଦେହକୁ ରାସୋଳ ପୋଲିସ ପକ୍ଷରୁ ବ୍ୟବଚ୍ଛେଦ କରି ସତ୍କାର କରାଯାଇଥିଲା ।ତେବେ ଗଣମାଧ୍ୟମରେ ଖବରପ୍ରସାରିତ ହେବାପରେ ପରିବାର ଲୋକେ ରାସୋଳ ଥାନାରେ ପହଞ୍ଚି ଶବଟି ସନାତନଙ୍କର ବୋଲି ଦାବି କରି ସନାତନଙ୍କର ଶୁଦ୍ଧିକ୍ରିୟା ରୀତିନୀତି ପାଳନ କରିଥିଲେ। ହଠାତ୍ ମାସେ ପରେ ସନାତନ ନାଏକ ଜୀବିତ ଅବସ୍ଥାରେ ଘରକୁ ଫେରିଆସିଥିଲେ ଯାହାକୁନେଇ ସମସ୍ତେ ଆଚମ୍ବିତ ।ତେବେ ସବୁଠାରୁ ବଡ଼ ପ୍ରଶ୍ନ ଏବେ ଉଠୁଛି ଜୁଲାଇ ୨୭ ତାରିଖରେ କୁନୁଆଁ ଗାଁ ଚାଷ ଜମିରୁ ଉଦ୍ଧାର ହୋଇଥିବା ସେହି ଗଳିତ ମୃତଦେହଟି କାହାରସନାତନ ଜୀବିତ ଥିବା ସ୍ପଷ୍ଟ ହେବା ପରେ ମୃତଦେହର ପରିଚୟ ନେଇ ରହସ୍ୟ ଆହୁରି ଘନୀଭୂତ ହୋଇଛି ।ତେବେ ଉଦ୍ଧାର ଶବର ଡ଼ିଏନଏ ଟେଷ୍ଟ ପାଇଁ ରସୋଳ ପୋଲିସ ପଠାଇଥିବାବେଳେ ମୃତକ ଅଜଣା ବ୍ୟକ୍ତିଙ୍କ ଶବ ଚିହ୍ନଟ ନହୋଇପାରିବା, ସନାତନ ନିଖୋଜ କିମ୍ବା ମୃତ ବୋଲି ସଠିକ ତଦନ୍ତ କରାନଯିବା ଇତ୍ୟାଦିକୁ ନେଇ ଜନସାଧାରଣ ସନ୍ଦେହ ଘେରରେ ଥିବାବେଳେ ଏବେ ପୁଲିସର ତଦନ୍ତ କେଉଁ ଦିଗକୁ ଯିବ ତାହା ଦେଖିବାକୁ ବାକି ରହିଲା ।

# କାମାକ୍ଷାନଗରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



କାମାକ୍ଷାନଗର,୩୧/୮(ସୁମନ୍ତ ଜେନା) କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ସ୍ୱାୟତ୍ତ ଶାସନ ଦିବସ ଧୁମଧାମରେ ପାଳିତ ହୋଇ ଯାଇଛି। ସର୍ବ ପ୍ରଥମେ ସହର ମଧ୍ୟ ରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା। ତାପରେ କାର୍ଯ୍ୟାଳୟ ପରିସର ରେ ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସକାଳ ୧୦ ଘଟିକା ସମୟ ରେ ସାରଙ୍ଗଧର ଷ୍ଟାଡିୟମ୍ ପରିସରରେ ଥିବା ଅଡିଟୋରୀୟମ ହଲ ଠାରେ ଏକ ସାଧାରଣ ସଭା ର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାମାକ୍ଷାନଗର ଅଞ୍ଚଳ ରେ ନୂତନ ଭାବେ ଗଢି ଉଠିଥିବା ବ୍ରଦର୍ ପ୍ରଡକ୍ସନ ୟୁଟ୍ୟୁବ ଚ୍ୟାନେଲର ସମସ୍ତ କଳାକାର ଙ୍କୁ ନଗରପାଳ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। କାମାକ୍ଷାନଗର ର ବିକାଶ ଓ ଜନସାଧାରଣ ଙ୍କ ସୁବିଧା ଦୃଷ୍ଟି ରୁ ସହର ର ବିଭିନ୍ନ ସ୍ଥାନ ରେ ହାଇମାକ୍ସ ଲାଇଟ କୁ ଆଜି ଅତିଥି ମାନେ ଉଦଘାଟନ କରିଥିଲେ। ଏ ବିଷୟ ରେ ନଗରପାଳ ଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ହାଇମାକ୍ସ ଲାଇଟ ଲାଗିବା ଦ୍ୱାରା ସହର ର ଆଲୋକୀକରଣ ସହ ରାତ୍ରୀ କାଳୀନ ଯାତାୟାତ ଓ ଜନସାଧାରଣ ଙ୍କ ସୁରକ୍ଷା ରେ ମଧ୍ୟ ସହାୟକ ହେବ। ଆଜି ର ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଅତିଥି ଉପନଗରପାଳ ଶକୁନ୍ତଳା ସେଠୀ ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ, କାଉଁସିଲର ଶୁକଦେବ ସାହୁ, ଲୋପାମୁଦ୍ରା ନାୟକ, ରିତାଞ୍ଜଳି ନାଏକ, ରିଙ୍କି ବେହେରା, ଅଭିମନ୍ୟୁ ପରିଡ଼ା, ରିତାଞ୍ଜଳି ସାହୁ, ଜିତେନ୍ଦ୍ର ରାଉଳ, ପ୍ରମୋଦ କୁମାର ଷେଣ୍ଠ, ବନମାଳୀ ରାଉଳ, ଯୁଗଳ ପରିଡ଼ା ଓ ଖୁଲଣା ବେହେରା ଏବଂ ସାଂସଦ ଙ୍କ ପ୍ରତିନିଧି ରବିନାରାୟଣ ସାହୁ ଯୋଗଦେଇଥିଲ।

## କବି ସ୍ୱର୍ଗତ ଗୋପିନାଥ ରଥଙ୍କ ୯ଟି କବିତା ପୁସ୍ତକର ସଂକଳନ ପ୍ରକାଶ

# କଟକ ସ୍ଥିତପ୍ରଜ୍ଞ ସର୍ବସାଧାରଣ ପାଠାଗାରର ପ୍ରୟାସ

ଢେଙ୍କାନାଳ, ୩୧/୦୮ (ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ସହରର ସୁପରିଚିତ ଦିବଂଗତ କବି ତଥା ମୁକ୍ତାଦେଇପୁର ଶାସନ ନିବାସୀ ସ୍ୱର୍ଗତ ଗୋପିନାଥ ରଥଙ୍କ ୯ଟି କବିତା ପୁସ୍ତକକୁ ନେଇ ଏକ ସଂକଳନ ପ୍ରକାଶ ପାଇବାକୁ ଯାଉଛି। କଟକ ସ୍ଥିତପ୍ରଜ୍ଞ ସର୍ବସାଧାରଣ ପାଠାଗାର ପକ୍ଷରୁ ଏହି ବିରଳ ଉଦ୍ୟମ କରାଯାଇଛି ।ଏହି କବିତା ପୁସ୍ତକଗୁଡ଼ିକ ମୁଖ୍ୟତଃ ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୩୩, ୧୯୩୭, ୧୯୪୦ ଓ ୧୯୪୩ ମସିହାରେ ପ୍ରକାଶ ପାଇଥିଲା। ସେଥି ମଧ୍ୟରୁ 'କଥାପଦେ' ଓ 'ଗୋଷ୍ଠାଷ୍ଟମୀ ଯାତ୍ରା' ଭଳି ସୁଲଳିତ ମାର୍ମିକ କବିତା ପୁସ୍ତକ ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ଦ୍ୱାରା କଟକ ସତ୍ୟବାଦୀ ପ୍ରେସ୍‌ରେ ଯଥାକ୍ରମେ ୧୯୪୦ ଓ ୧୯୩୩ ମସିହାରେ ମୁଦ୍ରିତ ହୋଇଥିଲା।ସଂକଳନରେ ସ୍ଥାନ ପାଇଥିବା ୯ଟି ପୁସ୍ତକ: ୧. ନ' ଠାରୁ ।' ଅନୁପ୍ରାସରେ ୬୮ ପଦ ବିଶିଷ୍ଟ 'ଶ୍ରୀ ହରପାର୍ବତୀ ସ୍ତୁତି' ୨. ୩୭ ପଦ ବିଶିଷ୍ଟ 'କଥା ପଦେ'୩. କେବଳ ବ' ଅନୁପ୍ରାସରେ ୬୦ ପଦ ବିଶିଷ୍ଟ 'ଶ୍ରୀ ଶ୍ରୀ ବଳରାମଙ୍କ ଜଣାଣ'୪. ସ' ଅନୁପ୍ରାସରେ ରଚିତ ୪୧ ପଦ ବିଶିଷ୍ଟ 'ସାକ୍ଷୀ ଗୋପିନାଥ'୫. ୨୧ ପଦ ବିଶିଷ୍ଟ ଲଳିତ କବିତା 'ଗୋଷ୍ଠାଷ୍ଟମୀ ଯାତ୍ରା'୬. କ' ଠାରୁ ।' ଅନୁପ୍ରାସରେ ୬୪ ପଦ ବିଶିଷ୍ଟ 'ଶ୍ରୀ ଶ୍ରୀ ଗୁଣ୍ଡିଚା ଯାତ୍ରା' (୧୯୩୭, ତାଳଚେର କିଶୋର ପ୍ରେସ୍)୭. ୧୬ ପଦ ବିଶିଷ୍ଟ 'ଶ୍ରୀ ଜଗନ୍ନାଥ ଜଣାଣ' (୧୯୩୩)୮. ୩୬ ପଦ ବିଶିଷ୍ଟ ଭକ୍ତି ରସାମୃତ କାବ୍ୟ 'ଶ୍ରୀ ଶ୍ରୀ ଭୁବନେଶ୍ୱରୀ ସ୍ତୁତି' (୧୯୪୩)୯. ୭୮ ପଦ ବିଶିଷ୍ଟ 'ଶ୍ରୀ ମହାଲକ୍ଷ୍ମୀ ସ୍ତୁତି'ଏହି ମହତ କାର୍ଯ୍ୟ ପାଇଁ ପାଠାଗାରର ମୁଖ୍ୟ ଉଦ୍ଦ୍ୟୋକ୍ତା ଆଇନଜୀବୀ ଆପ୍ତକାମ ମିଶ୍ରଙ୍କୁ କବିଙ୍କ ପୁତ୍ର ପ୍ରଦ୍ୟୁମ୍ନ ରଥ ଗଭୀର କୃତଜ୍ଞତା ଜଣାଇଛନ୍ତି।

# ସ୍ୱାୟତ୍ତ ଶାସନ ଦିବସରେ ବାଲୁଗାଁରେ ଆଦର୍ଶ ଶ୍ମଶାନ ଗୃହ ଉଦଘାଟିତ କଲେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ



ବାଲୁଗାଁ ୩୧/୦୮ (ଅକ୍ଷର ଓଡିଶା ) ସ୍ୱାୟତ୍ତ ଶାସନ ଦିବସ ଅବସରରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡ଼ରେ ନବନିର୍ମିତ ଆଦର୍ଶ ଶ୍ମଶାନ ଗୃହର ଉଦଘାଟନ କଲେ ଆଇନ୍ ମନ୍ତ୍ରୀ.ଏହି ନୂତନ ଶ୍ମଶାନ ଗୃହ ଦ୍ୱାରା ଅଞ୍ଚଳବାସୀ ଶେଷକୃତ୍ୟ ଓ ଅନ୍ତ୍ୟେଷ୍ଟି କାର୍ଯ୍ୟ ସମୟରେ ଏକ ସୁବିଧାଜନକ, ସ୍ୱଚ୍ଛ ଓ ସମ୍ମାନଜନକ ପରିବେଶ ପାଇପାରିବେ ବୋଲି କୁହାଯାଇଛି.ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପ-ଜିଲ୍ଲାପାଳ ସଂକଳ୍ପ ସ୍ୱଷ୍ଟିକ ସାହୁ, ବାଲୁଗାଁ ଏନଏସି ଅଧକ୍ଷା ଶ୍ରୀମତୀ ସୁକାନ୍ତି ପାଇକରାୟ, ଉପାଧକ୍ଷ ଭଗବାନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ସ୍ଥାନୀୟ କାଉନସିଲରବୃନ୍ଦ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଦଳୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ.

# ହିନ୍ଦୋଳ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ

ଖଜୁରିଆକଟା ୩୧/୮(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ସଂସ୍କୃତ ବିଭାଗରେ ୩୧ ତାରିଖ ଦିନ ସଂସ୍କୃତ ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଛି ।ଏହି ଅବସରରେ ବିଭାଗୀୟ ମୁଖ୍ୟ ଶୁଭସ୍ମିତା ବେହେରାଙ୍କ ପ୍ରତ୍ୟକ୍ଷ



ପରିଚାଳନାରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ସଂସ୍କୃତ ଭାଷାର ପ୍ରାସଙ୍ଗିକତା ଉପରେ ବିଶଦ ଭାବେ ଆଲୋକ ପାତ କରିବା ସହିତ ଭାରତର ପ୍ରାଚୀନ ତଥା ଆଦି ଭାଷା ସଂସ୍କୃତରେ ଲିଖିତ ପୁରାଣ ପାଠ ଶ୍ରବଣ କରିବା ଦ୍ୱାରା ବ୍ୟକ୍ତି ଚରିତ୍ରର ସମ୍ପୁନ୍ନତି ସାଧିତ ହୋଇଥାଏ ବୋଲି ମତପୋଷଣ କରିଥିଲେ । ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ , ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଶୈଲ୍ୟ ସାମଲ, କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ଆଧ୍ୟାତ୍ମିକତା ଲାଭ ଦ୍ୱାରା ବ୍ୟକ୍ତି ଚରିତ୍ରରୁ କଳୁଷ ଦୂରୀଭୂତ ହୁଏ ଓ ପବିତ୍ରତା , ସାଧୁତା ଆଦି ମହତ୍ ଗୁଣର ବିକାଶ ଘଟେ ବୋଲି ମତ ରଖିବା ସହିତ ଆଗାମୀ ଦିନର ସଂସ୍କୃତ ଭାଷାର ବହୁଳ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ସମାରୋହରେ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଶୁଭଲକ୍ଷ୍ମୀ ମହାକୁଡ ଓ ପ୍ରିୟଙ୍କା ନାୟକ ବକ୍ତବ୍ୟ ରଖିଥିଲେ । ମଙ୍ଗଳା ଚରଣ ପାଠ ପୂର୍ବକ ବିଭାଗର ଅଧ୍ୟାପକ ଲିଟୁ ସାମଲ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ଦେଇଥିଲା ବେଳେ ଛାତ୍ରୀ ଅଳକା ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷାଦାନ ପବିତ୍ର ମନ୍ଦିର ପାଇଁ ଅବହେଳା,
## ଶିଳାନ୍ୟାସର ୫ ବର୍ଷ ପରେ ବି ଅଧାପନ୍ତରିଆ ଶିକ୍ଷକ ଭବନ

ଗଁଦିଆ ୩୧/୦୮(ବେତୁଜୀ ପ୍ରସାଦ):'ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦେବୋ ମହେଶ୍ୱରଃ...' ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ଭଗ୍ୱାନଙ୍କଠାରୁ ମଧ୍ୟ ସର୍ବୋଚ୍ଚ ବୋଲି ବିବେଚନା କରାଯାଏ। ମାତ୍ର ସମାଜ ଗଢ଼ିବା ସେବାରେ ଦିନରାତି ଏକ କରିଥିବା ସେହି ଗୁରୁଜନମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ପବିତ୍ର ଆଶ୍ରୟସ୍ଥଳୀ ବା 'ଶିକ୍ଷକ ଭବନ' ପ୍ରଶାସନିକ ଉଦାସୀନତାର ଶିକାର ହୋଇ ପଡ଼ିରହିଛି। ବିବରଣୀରୁ ପ୍ରକାଶ, ଗଁଦିଆ ବ୍ଲକର ଶିକ୍ଷକମାନଙ୍କ ବୌଦ୍ଧିକ ଚର୍ଚ୍ଚା ଓ ବିଚାର ବିନିମୟ ପାଇଁ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୧୮-୧୯ ଆର୍ଥିକ ବର୍ଷରେ ଢେଙ୍କାନାଳର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସରୋଜ କୁମାର ସାମଲଙ୍କ ଦ୍ୱାରା ଏହି ଭବନର ଶିଳାନ୍ୟାସ କରାଯାଇଥିଲା। ସେତେବେଳେ ଏହାକୁ ଏକ ମହତ୍ଦ୍ଦେଶ୍ୟର ସହ ଆରମ୍ଭ କରାଯାଇଥିଲେ ମଧ୍ୟ, ଦୁଃଖ ଓ ପରିତାପର ବିଷୟ ଯେ, ଆଜି ପାଞ୍ଚ ପାଞ୍ଚ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହା ଅଧାପନ୍ତରିଆ ଭାବରେ ପଡ଼ିରହିଛି। ଜ୍ଞାନ ଆଲୋକ ବାଣ୍ଟୁଥିବା ଗୁରୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଭବନର ଏପରି ଦୁର୍ଦ୍ଦଶା ସ୍ଥାନୀୟ ଶିକ୍ଷକ ମହଲରେ ଗଭୀର କ୍ଷୋଭ ଓ ଅସନ

## ଘାଟିରୁ ୫୦ ଫୁଟତଳକୁ ଖସିଲା ଟ୍ରକ
## ୩ ଘଣ୍ଟା ପରେ ଚାଳକ ଉଦ୍ଧାର



କେନ୍ଦୁଝର/ଆନନ୍ଦପୁର:୩୧/୦୮ (ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅଞ୍ଚଳର ଗୋଡ଼ଭଙ୍ଗା ଘାଟିରେ ଗତ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ ୫୦ଫୁଟ ତଳକୁ ଖସିପଡ଼ିଥିଲା । ଟ୍ରକଟି ଘାଟି ତଳକୁ ଖସିପଡ଼ିବାର ପ୍ରାୟ ୩ ଘଣ୍ଟା ପରେ ଉଦ୍ଧାର ଚାଳକ ଜଣକ ଉଦ୍ଧାର ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଟ୍ରକଟି ଗୋଡଭଙ୍ଗା ଘାଟିରାସ୍ତାରେ ଯାଇଥିବାବେଳେ, ଭାରସାମ୍ୟହରାଇ ଘାଟିରୁ ପ୍ରାୟ ୫୦ ଫୁଟ ତଳକୁ ଖସିପଡ଼ିଥିଲା । ଖବରପାଇ ପ୍ରଥମେ ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ କରିବାର ପ୍ରୟାସ କରିଥିଲା । ଏହାପରେ ଆନନ୍ଦପୁର ଅଗ୍ନିଶମ ବାହିନୀର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା । ଦୀର୍ଘସମୟ ଅକ୍ଲାନ୍ତ ପରିଶ୍ରମ ପରେ ସେମାନେ ଚାଳକଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଚାଳକଙ୍କ ପରିଚୟ ମିଳିପାରିନାହିଁ ।

## ସ୍ୱଚ୍ଛତା ନାମରେ ଚାଲିଛି ପ୍ରହସନ ନିଷ୍କ୍ରିୟ ପୌରପ୍ରଶାସନ
## ୭୫ବର୍ଷର ପୌରପାଳିକାରେ ଡମ୍ପିଂୟାର୍ଡ ନାହିଁ



କେନ୍ଦୁଝର:୩୧/୦୮(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝରଗଡ଼ ସହରକୁ ସ୍ୱଚ୍ଛ ସୁନ୍ଦର ସମୃଦ୍ଧ ଓ ସ୍ୱାସ୍ଥ୍ୟକର କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ କେବଳ ଲୋକଦେଖାଣିଆ ଏବଂ କାଗଜକଲମରେ ସୀମିତ ହୋଇ ରହିଯାଇଛି । ରାସ୍ତା କଡ଼ରେ କୁଡ଼ କୁଡ଼ ମଇଳା ସହ ବାସିଖାଦ୍ୟ ଖାଇ ଶହଶହ ଗୋରୁ ମୃତୁ ବରଣ କରୁଚନ୍ତି । ସିସିଟିଭି ଚେକିଂ ଓ ଜୋରିମାନା କେବଳ ଘୋଷଣାରେ ସୀମିତ କ୍ଷ ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ପକାଇଲେ କଡା ଜୋରିମାନା ଆଦାୟ କରିବାର ନିୟମ ଥିଲେ ମଧ୍ୟ ଅମାନିଆମକ୍ଷନେ ନିର୍ଭୟରେ ଚିହ୍ନଟ ସ୍ଥାନଗୁଡିକରେ କୁଡ଼ କୁଡ଼ ଅଳିଆ ପକାଉଛନ୍ତି । ପୌରପାଳିକାର ବିଭିନ୍ନ ୱାର୍ଡ଼ରେ ପ୍ରତ୍ୟେକ ଦିନ ସ୍ୱଚ୍ଛ ସ୍ୱାରୀ ଗାଡି ବୁଲୁଥିଲେ ସୁଦ୍ଧା ଏବଂ ସ୍ୱଚ୍ଛସାଥି ମାନେ ୱାର୍ଡ଼ସ୍ତରରେ ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ କିଛି ଅସାଧୁ ବ୍ୟକ୍ତି ଓ ବ୍ୟବସାୟୀ ରାତିର ଅନ୍ଧକାରରେ ରାସ୍ତାକଡ଼ ଡ୍ରେନ ଓ ସର୍ବସାଧାରଣ ସ୍ଥାନରେ ଓଦା ଏବଂ ଶୁଖିଲା ଆବର୍ଜନା ଫିଙ୍ଗି ପଳାଉଛନ୍ତି । ରାସ୍ତାରେ ପଡି ରହୁଥିବା ବାସିଖାଦ୍ୟ ଓ ପ୍ଲାଷ୍ଟିକକୁ ଗୃହପାଳିତ ଗୋରୁଗାଈ ଖାଇ ଅସୁସ୍ଥ ହେବା ସହ ମୃତ୍ୟୁ ବରଣ କରୁଥିବା ବେଳେ ବୁଲାକୁକୁର ମାନେ ଏହାକୁ ଏଣେତେଣେ ବୋହି ନେଇ ସମଗ୍ର ସହରରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି । ଏହାସହିତ ସହରରେ ଥିବା ବହୁ ହୋଟେଲ ଲଜ ଓ ରାସ୍ତାକଡରେ ଥିବା ଜଳଖିଆ ଦୋକାନଗୁଡିକ ଦୈନନ୍ଦିନ ବର୍ଜ୍ୟ ବସ୍ତୁକୁ ରାସ୍ତା ପାର୍ଶ୍ୱରେ ପକାଇବାର ଦୃଷ୍ଟିଗୋଚର ହେଉଚି । ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଦୀର୍ଘ ୭୫ ବର୍ଷର କେନ୍ଦୁଝରଗଡ଼ ପୌରପାଳିକାର ଏଯାବତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ନିର୍ଦ୍ଦିଷ୍ଟ ଡମ୍ପିଂୟାର୍ଡ଼ ପାଇଁ ସ୍ଥାନ ଚିହ୍ନଟ ହୋଇପାରିନାହିଁ । ସଫେଇ ବ୍ୟବସ୍ଥା ନାମରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ତଦାରଖ ଅଭାବରୁ ଠିକାଦାର ମାନେ ୱାର୍ଡ଼ଗୁଡିକୁ ଠିକ ଭାବରେ ସଫା କରୁନଥିବା ପରିଲକ୍ଷିତ ହେଉଛି । ଏଭଳି ପରିସ୍ଥିତିରେ ୱାର୍ଡ଼ କାଉନସିଲର ମାନେ ପ୍ରତିମାସରେ ସଫେଇ କାମ ଠିକ ଭାବେ ହେଉଥିବା ନେଇ ମିଥ୍ୟା ରିପୋର୍ଟ ପ୍ରଦାନ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଜୋରଦାର ଆଲୋଚନା ହେଉଚି । କାଉନସିଲର ମାନେ ସହରବାସୀଙ୍କ ପାଇଁ କାର୍ଯ୍ୟ ନରି ସଫେଇ ଠିକାଦାରଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରୁଛନ୍ତି ବୋଲି ସହରବାସୀ ଅଭିଯୋଗ କରିଛନ୍ତି ଏବଂ ପୌରପ୍ରଶାସନ ଏଭଳି ନୀତିକୁ ନେଇ ସହରବାସିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦୁଝର ମାଟିର ଲୋକପ୍ରିୟ ବିଧାୟକ ତଥା ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରକୁ ସମୃଦ୍ଧ ଓ ବିକଶିତ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିବା ସହ ଅଜସ୍ର ଅର୍ଥ ପ୍ରଦାନ କରୁଥିବାବେଳେ କିଛି କୁଚକ୍ରୀ ଗୋଷ୍ଠିଙ୍କ ପ୍ରରୋଚନାରେ କେନ୍ଦୁଝର ସହରରେ ହେବାକୁଥିବା ବହୁ ପ୍ରକଳ୍ପକୁ ଦଳୀୟ ଭାବନାକୁ ଆଧାର କରି କାମ ଗୁଡିକ ଦେବା ସହ କିଛି ପ୍ରକଳ୍ପ ପାଇଁ ଅର୍ଥମଞ୍ଜୁରୀ ହୋଇଥିଲେ ମଧ୍ୟ କୁଚକ୍ରୀ ଗୋଷ୍ଠିଙ୍କ ପାଇଁ ସେଇ ପ୍ରକଳ୍ପ ଗୁଡିକୁ ବନ୍ଦ କରିଦିଆଯାଉଛି । ବୋଲି ସହରବାସିଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଯଦି ପୌରପ୍ରଶାସନର ଏପରି ମାନସିକତା ଜାରି ରୁହେ ତାହେଲେ ପୌରନିର୍ବାଚନରେ ତାହା ନିଶ୍ଚିତ ଭାବରେ ପ୍ରତିଫଳିତ ହେବ ବୋଲି ସହରବାସୀଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ହାତୀ ହାବୁଡ଼ରେ ପଡ଼ି ଯୁବକଙ୍କ ମୃତ୍ୟୁ,
## ଏନ.ଏଚ-୪୯ ନିକଟରେ ଅଘଟଣ



କେନ୍ଦୁଝର/ପାଟଣା:୩୧/୦୮(ଦିଲ୍ଲୀପ କୁମାର ସାହୁ) - ଗତ ଶନିବାର ରାତିରେ ପ୍ରାୟ ୨୦ଟିକିଆ ହାତୀପଲ ଏନ. ଏଚ -୪୯ ଅତିକ୍ରମ କରି ଖୀରେଇଟାଙ୍ଗିରି ଗ୍ରାମର ଦୁଧିଆବୁଆ ସାହିଦେଇ ଯାଉଥିବା ସମୟରେ ଏକ ଅଘଟଣ ଘଟିଛି । ରାତି ପ୍ରାୟ ୧୧ଟା ୩୦ ମିନିଟ ସମୟରେ ଦୁଧିଆନାଳ ନିକଟରେ କେରି ଗ୍ରାମର ବଡ଼ପୋଷି ସାହିର ନବଘନ ନାଏକ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ । ଏହି ସମୟରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି । ଘଟଣା ପରେ ବନ ବିଭାଗର ଗାଡ଼ିରେ ନବଘନଙ୍କୁ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ତୁରୁଗୁଙ୍ଗା ଥାନାରେ ଏକ ଏତଲା ଦିଆଯାଇଥିବା ଜଣାପଡ଼ିଛି । ହାତୀପଲର ଗତିବିଧି ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ନନ୍ଦିପଦା ଥାନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ



ହାଟଡିହି:୩୧/୦୮ (ଅମୀୟ ବରାଳ) - କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ପକ୍ଷରୁ ହାଟଡିହି ବ୍ଲକ ଓରାଳି ଓ ଶାଳନିଆଁ ହାଇସ୍କୁଲରେ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାନୀୟ ଅଭିଭାବକମାନେ ଯୋଗଦେଇ ନିଶାମୁକ୍ତ ଅଭିଯାନରେ ସାମିଲ ହୋଇ, ନିଶା ବିରୋଧୀ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ନିଶା ସେବନ ଦ୍ୱାରା ଘରୋଇ କଳି ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଘଟଣା ଦୁର୍ଘଟଣା ହେବା ସହ ସମାଜରେ ଏହାର କୁପ୍ରଭାବ ସମ୍ପର୍କରେ ବୁଝେଇ କହିଥିଲେ । ନିଶାକୁ ନା ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆମ ପୁଲିସ ସମିତି ସଦସ୍ୟ ବିରେନ୍ଦ୍ର ବିଶ୍ୱାଳ,ଉଦୟ ଦକ୍ଷିଣ ରାୟ, କିଶୋର ଆଚାର୍ଯ୍ୟ, ଶାଳନିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୌତମ ଧରୁଆ,ଓରାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନିଲ୍ ସିଂହଙ୍କ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ସପଥ ପାଠ କରାଇଥିଲେ ।

## ସହରବାସୀଙ୍କୁ ମୌଳିକ ସୁବିଧା ନଦେଇ
## ସହରୀକରଣ ଦୌଡ଼ରେ କେନ୍ଦୁଝରଗଡ଼ ପୌରପାଳିକା




କେନ୍ଦୁଝର:୩୧/୦୮(ଦିଲ୍ଲୀପ କୁମାର ସାହୁ) - ସମୟାନୁସାରେ ଦ୍ରୁତଗତିରେ ବଢ଼ିଚାଲିଛି କେନ୍ଦୁଝର ସହରର କଳେବର । ନୂଆ ନୂଆ କଲୋନୀ ଓ ଜନବସତି ଗଢ଼ିଉଠୁଥିବା ବେଳେ ସହରବାସୀଙ୍କ ଆବଶ୍ୟକତା ମଧ୍ୟ ବଢ଼ିବାରେ ଲାଗିଛି । ହେଲେ ତଦନୁଯାୟୀ ସହରର ବିଭିନ୍ନ କଲୋନୀ ବା ଜନବସତି ଗୁଡ଼ିକର ରାସ୍ତା, ଡ୍ରେନେଜ ବ୍ୟବସ୍ଥା, ପାନୀୟ ଜଳ, ଆଲୋକ ଓ ବର୍ଜ୍ୟବସ୍ତୁ ପରିଚାଳନା ଭଳି ମୌଳିକ ସୁବିଧାର ବିକାଶ ହୋଇପାରିନାହିଁ । ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ପ୍ରତିବର୍ଷ ଅଗଷ୍ଟ ୩୧ ତାରିଖରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଏ । ଲର୍ଡ ରିପନଙ୍କ ବିକେନ୍ଦ୍ରୀକରଣ ଚିନ୍ତାଧାରାରୁ ସହରାଞ୍ଚଳ ଶାସନ ବ୍ୟବସ୍ଥାର ବିକାଶ ହୋଇଥିବା ବେଳେ ସ୍ଥାନୀୟ ସ୍ତରରେ ନାଗରିକଙ୍କୁ ଉନ୍ନତ ସେବା ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏଭଳି ସମୟରେ କେନ୍ଦୁଝର ସହରର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ଆବଶ୍ୟକତା ନେଇ ନୂଆ ଯୋଜନାର ଆବଶ୍ୟକତା ଅନୁଭୂତ ହେଉଛି । ଜିଲ୍ଲାର ସର୍ବପୁରାତନ ଓ ବୃହତ୍ତମ ପୌରାଞ୍ଚଳ ଭାବେ କେନ୍ଦୁଝରଗଡ ପୌରପାଳିକା ୬୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛି । ଖଣି ପ୍ରଭାବିତ ଏହି ସହରରେ ଜନସଂଖ୍ୟା ବଢ଼ିବା ସହିତ ନୂଆ ଜନବସତି ମଧ୍ୟ ଦ୍ରୁତ ଗତିରେ ବିସ୍ତାରିତ ହେଉଛି । ମାଷ୍ଟରପ୍ଲାନ ଅଞ୍ଚଳରେ ଗଢ଼ିଉଠୁଥିବା ନୂଆ ବସତିଗୁଡ଼ିକରେ ରାସ୍ତା, ଷ୍ଟ୍ରିଟ୍ ଲାଇଟ୍ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇବା ସହ ସେଗୁଡ଼ିକୁ ପୌରାଞ୍ଚଳରେ ସାମିଲ କରିବାକୁ ଦାବି ହେଉଛି । ସହରରେ ଡ୍ରେନେଜ ସମସ୍ୟା ଏବେ ଏକ ପ୍ରମୁଖ ସମସ୍ୟା ପାଲଟିଛି । ଅନେକ ରାସ୍ତା ଖାଲଖମାରେ ପରିଣତ ହୋଇଥିବା ବେଳେ ରାସ୍ତାରେ ଗୋରୁଗାଈ ଓ ବୁଲାକୁକୁରଙ୍କ ଉପଦ୍ରବ ମଧ୍ୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଅନ୍ୟପଟେ ସହରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦୁଇଟି ପ୍ରକଳ୍ପ ଥିଲେ ମଧ୍ୟ ବହୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହାର ସଂଖ୍ୟା ବଢ଼ାଇବାକୁ ଦାବି ହୋଇଛି ।

## ଇଣ୍ଟରନେଟ ସରବରାହ ଧୂମା,
## ଚାଷୀ ପଞ୍ଜିକରଣର ବଡ଼ ସମସ୍ୟା



ହାଟଡିହି:୩୧/୦୮ (ଅମୀୟ ବରାଳ) - କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ମରେଗାଁ ସମବାୟ ସମିତିରେ ଇଣ୍ଟରନେଟର ଗତି ଧୂମା ଯୋଗୁଁ ଚାଷୀମାନଙ୍କ ପଞ୍ଜିକରଣରେ ଅହେତୁକ ବିଳମ୍ବ ଦେଖାଦେଇଛି । ସୂଚନାଯୋଗ୍ୟ ଯେ ବର୍ତମାନ ସମୟରେ ଚଳିତ ବର୍ଷ ଧାନ ବିକ୍ରୀ କରିବା ନେଇ ଚାଷୀମାନେ ନିଜର ଆବଶ୍ୟକ ସ୍ଥଳେ ଜମି ପଟ୍ଟା,ଆଧାର କାର୍ଡ , ଫୋନ୍ ନମ୍ବର୍ ସହିତ ପଞ୍ଜିକରଣ କରିବାକୁ ବାରମ୍ବାର ମରେଗାଁ ସମବାୟ ସମିତି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନଯାନ୍ତ ହେଲେଣି । ଏଠାରେ କେବଳ ଚାଷୀମାନଙ୍କର ଭିଡ଼ ପରିଲକ୍ଷିତ ହେଉଥିବା ଦେଖାଯାଏ । ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଷୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି ତଥାପି ପଞ୍ଜିକରଣ ହୋଇପାରୁନାହିଁ । ଏହି ମରେଗାଁ ସମବାୟ ସମିତି ଅଧିନରେ ଶାସଙ୍ଗ,ପନ୍ଦାଡୋ, ମରେଗାଁ, ହାଟଡିହି ୫ ଟି ପଞ୍ଚାୟତର ପ୍ରାୟ ଦଶହଜାର ଚାଷୀ ରହିଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୧୫ ଶହ ଚାଷୀଙ୍କ ପଞ୍ଜିକରଣ କରାଯାଇଅଛି । ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିଥିଲେ ବି ଚାଷୀ ପଞ୍ଜିକରଣ ହୋଇପାରି ନାହିଁ । ଏଥିପାଇଁ ଇଣ୍ଟରନେଟ ସରବରାହ ଧୂମା କାରଣରୁ ଚାଷୀ ପଞ୍ଜିକରଣ କରିବା ବିଳମ୍ବ ଘଟୁଛି, ଯଦି ସରକାର ଆଉ କିଛି ଦିନ ସମୟ ଦେଲେ ଅନେକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହେବେ ନାହିଁ ବୋଲି ସମିତି ସମ୍ପାଦକ ଶରତ ସେଠୀ କହିଛନ୍ତି । ଏଣୁ ଏଦିଗରେ ଆନନ୍ଦପୁର ଉପଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କ କନ୍ୟାସନ୍ତାନ ଜନ୍ମ



କେନ୍ଦୁଝର/ହାଟଡିହୀ:୩୧/୦୮ (ଦିଲ୍ଲୀପ କୁମାର ସାହୁ/ଅମୀୟ ବରାଳ): ଗତ ଶନିବାର ରାତିରେ କେନ୍ଦୁଝରଗଡ଼ ସହରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହାଟଡିହୀ ବ୍ଲକ ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିବା ଜଣାପଡ଼ିଛି । ଡାକ୍ତରଙ୍କ ରିପୋର୍ଟ ଆଧାରରେ ନନ୍ଦିପଦା ପୋଲିସ ଏନେଇ ମାମଲା ଏକ ମାମଲା ରୁଜୁ କରିଛି ।ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ସୂଚନାନୁଯାୟୀ, ଗତ ଶନିବାର ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପୋଲିସ ନିକଟକୁ ଡାକୁରଙ୍କ ଏକ ରିପୋର୍ଟ ଆସିଥିଲା । ଉକ୍ତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରିଛି । ରିପୋର୍ଟରେ ଜଣେ ନାବାଳିକା କନ୍ୟା ସନ୍ତାନ ଜନ୍ମ ଦେଇଥିବା ଉଲ୍ଲେଖ ରହିଥିଲା ।ସୂଚନାଯୋଗ୍ୟଯେ, ଚଳିତ ମାସ ୨୮ ତାରିଖରେ ନାବାଳିକାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ନାବାଳିକା ଜଣକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିଛି ।

## ଜାତୀୟ କ୍ରୀଡ଼ା ଦିବସର ପାଳନ ପରିପ୍ରେକ୍ଷୀରେ
## କେନ୍ଦୁଝରରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ



କେନ୍ଦୁଝର:୩୧/୦୮(ଦିଲ୍ଲୀପ କୁମାର ସାହୁ) - ସ୍ୱାସ୍ଥ୍ୟ, କ୍ରୀଡ଼ା ମନୋଭାବ ଏବଂ ଏକ ସକ୍ରିୟ ଜୀବନଶୈଳୀର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ କ୍ରୀଡ଼ା ଦିବସ ପାଳନର ତୃତୀୟ ଦିବସରେ କେନ୍ଦୁଝରରେ ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି ।କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ମନ୍ଦରଧର ମହାଲିକ ଏହି ଶୋଭାଯାତ୍ରାକୁ ସବୁଜ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ । ତାଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଉପସ୍ଥିତ ଥିଲେ ।ଏହି ଶୋଭାଯାତ୍ରାରେ ବିପୁଳ ସଂଖ୍ୟାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, କ୍ରୀଡ଼ା ପ୍ରେମୀ ଏବଂ ସାଧାରଣ ଜନତା ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସାଇକେଲ ଚାଳକମାନେ କେନ୍ଦୁଝର ସହରର ବିଭିନ୍ନ ରାସ୍ତା ଦେଇ ଗତି କରି ଲୋକଙ୍କ ମଧ୍ୟରେ, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ, ଶୃଙ୍ଖଳା ଏବଂ କ୍ରୀଡ଼ାରେ ଅଧିକ ଭାଗୀଦାରୀ ହେବାର ବାର୍ତ୍ତା ପ୍ରସାର କରିଥିଲେ ।ଏହି କାର୍ଯ୍ୟକ୍ରମଟି ଜାତୀୟ କ୍ରୀଡ଼ା ଦିବସର ଭାବନାକୁ ପ୍ରତିଫଳିତ କରିବା ସହ ଏକ ସୁସ୍ଥ ଓ ସକ୍ରିୟ ସମାଜ ଗଠନରେ ସାଇକେଲ ଚାଳନା ଏବଂ ନିୟମିତ ଶାରୀରିକ ପରିଶ୍ରମର ଗୁରୁତ୍ୱକୁ ପ୍ରସାରିତ କରିଥିଲା ।

## ଧରଣୀଧର ବିଶ୍ୱବିଦ୍ୟାଳୟ ଦକ୍ଷିଣ କ୍ୟାମ୍ପସ୍‌ରେ
## ଚିତାବାଘ ଥିବାର କୌଣସି ପ୍ରମାଣ ନାହିଁ: ଡିଏଫଓ

କେନ୍ଦୁଝର:୩୧/୦୮(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝରଗଡ଼ ସହରର ପୁରୁଣାବଜାର ସିଦ୍ଧମଠ ଠାରେ ରହିଥିବା ଧରଣୀଧର ବିଶ୍ୱବିଦ୍ୟାଳୟ ଦକ୍ଷିଣ କ୍ୟାମ୍ପସ୍‌ରେ ଚିତାବାଘ ଏଂ ତା'ର ଛୁଆ ଥିବା ନେଇ ସୂଚନା ପାଇବା ପରେ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସହ ମିଶି ଅଞ୍ଚଳକୁ ଯାଞ୍ଚ ଓ ସର୍ଭେ କରିଥିଲେ । ପ୍ରାଥମିକ ଯାଞ୍ଚ ସମୟରେ ଚିତାବାଘର ପାଦଚିହ୍ନ କିମ୍ବା ଅନ୍ୟ କୌଣସି ନିଶ୍ଚିତ ପ୍ରମାଣ ମିଳିନଥିଲା ।କ୍ୟାମ୍ପସ୍‌ରେ ରହୁଥିବା ୟୁନିଭର୍ସିଟିର କିଛି ଅଧିକାରୀ ମଧ୍ୟ ପ୍ରାଣୀଟିର ଭିଜୁଆଲ୍ ଫୁଟେଜ୍ ଦେଇଥିଲେ । ତେବେ, ଉକ୍ତ ଭିଜୁଆଲ୍‌ଗୁଡ଼ିକ ସ୍ପଷ୍ଟ ନଥିବାରୁ ସେଥିରୁ ଚିତାବାଘର ଉପସ୍ଥିତି କିମ୍ବା ପ୍ରାଣୀଟିର ପରିଚୟ ନିଶ୍ଚିତ କରାଯାଇପାରିନାହିଁ ।ଅଧିକ ଯାଞ୍ଚ ଓ ନିଶ୍ଚିତତା ପାଇଁ ଚିହ୍ନଟ କରାଯାଇଥିବା ସ୍ଥାନଗୁଡ଼ିକରେ ୫ଟି କ୍ୟାମେରା ଟ୍ରାପ୍ ସ୍ଥାପନ କରାଯାଇ ଗତ ୩ ଦିନ ଧରି ନିରନ୍ତର ନିରୀକ୍ଷଣ କରାଯାଉଛି । ଏପର୍ଯ୍ୟନ୍ତ କ୍ୟାମେରା ଟ୍ରାପ୍‌ରେ ଚିତାବାଘ କିମ୍ବା ତା'ର ଛୁଆର କୌଣସି ଫଟୋ ରେକର୍ଡ ହୋଇନା

# ମା ପିତାବଳୀଙ୍କ ବାର୍ଷିକ ପୂଜା



ବନ୍ତଳା (୩୧/୮(ଅକ୍ଷର ଓଡିଶା ):ଅନୁଗୋଳ ଜିଲ୍ଲାବନ୍ତଳା ପଞ୍ଚାୟତ ଅନ୍ତର୍ଗତ ସାହାରା ଗୋଡା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା ପିତାବଳୀଙ୍କ ବାର୍ଷିକ ପୂଜା ଶାନ୍ତି ଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇ ଯାଇଛି । ଦିବା ଏକ ଘଟିକା ସମୟରେ ଗାଁ ର ଦେହୁରୀ ସୁମନ୍ତ ଦଳବେହେରା ଙ୍କ ଆଳମ୍ ଘରୁ ମା ଙ୍କ ଆଳମ କୁ ବାଜା ଘଣ୍ଟ ନାମ ସଙ୍କୀର୍ତ୍ତନ ହରିବୋଲ ହୁଳହୁଳି ଶବ୍ଦରେ ଗାଁ ପରିକ୍ରମା କରି ମା ଙ୍କ ପୀଠରେ ପହଞ୍ଚି ପ୍ରଥମେ ବେଢ଼ା ପରିକ୍ରମା କରି ମାଜଣା ପୂଜା ଅନୁଷ୍ଠିତ ହୋଇଥିଲା ଏବଂ ତାପରେ ପତାକା ଲାଗି ପୂଜା ଅନୁଷ୍ଠିତ ହୋଇଥିଲା ଶେଷରେ ମା ଙ୍କ ବଡ ପୂଜା ଅନୁଷ୍ଠିତ ହୋଇ ପୂଜା କାର୍ଯ୍ୟସମାପନ ହୋଇଥିଲା । ବାର୍ଷିକ ପୂଜା ରେ ଶହ ଶହ ଭକ୍ତ ଙ୍କ ସୁଅ ଛୁଟିଥିଲା କୋଡ଼ିଏ ରୁ ଉର୍ଦ୍ଧ୍ୱ ଭକ୍ତ ମାନସିକ ପୂରଣ ପାଇଁ ମାନେ ମା ଙ୍କ ପୀଠରେ ଅଧିଆ ପଡିଥିଲେ । ଏହି ଦିନ ନଖିଭୋଗ ନୁଆ ଧାନ କୁ ନଖରେ ଛିଣ୍ଡାଇ ଚାଉଳ ବାହାର କରି ଭୋଗ ପ୍ରସ୍ତୁତ କରି ମା ଙ୍କ ପାଖରେ ଲାଗି ହେଲା ପରେ ସମସ୍ତ ଭକ୍ତ କୁରେହିଁ ପତ୍ରରେ ପ୍ରସାଦ ସେବନ କରିଥିଲେ । ଏହାକୁ ନଖି ଭୋଗ କୁହନ୍ତି । ଏହି ବାର୍ଷିକ ପୂଜାରେ ଗ୍ରାମ ସଭାପତି ଦିବାକର ସାହୁ, ବୁଲୁ ପଲେଇ, ସନ୍ତୋଷ ନାଏକ, ଦିଲେଶୋର ପରିଡ଼ା, ନିର୍ମଳ ପରିଡ଼ା, ମାଧବ ବେହେରା, ସଞ୍ଜୟ ଭୋଇ , ଅଜୟ ନାଏକ, ଜଟିଆ ନାଏକ, ଅନିଲ ଦଳବେହେରା, ଧିରେନ ପରିଡ଼ା, କ୍ଷୀରୋଦ ପଲେଇ,ମହେଶ୍ୱର ପରିଡ଼ା, ଦୟାନିଧି ସାହୁ, ସୁରେଶ ନାଏକ, କୈଳାଶ ପରିଡ଼ା, ପ୍ରଭାତ ପରିଡ଼ା, ଜିତେନ୍ ପରିଡ଼ା, ପ୍ରଦୀପ ସାହୁ , ପ୍ରତାପ ପରିଡ଼ା ଙ୍କ ସମେତ ଗ୍ରାମର ସମସ୍ତ ସଦସ୍ୟ ମାନେ ଉକ୍ତ ପୂଜାକାର୍ଯ୍ୟ କୁ ଶାନ୍ତି ଶୃଙ୍ଖଳା ସହିତ ତୁଲାଇ ଥିଲେ ।

# କେସିଙ୍ଗା ସହରର ସୁବ୍ୟବସ୍ଥିତ ବିକାଶ କେବେ

## ଡେଲି ମାର୍କେଟ୍‌ର ସମାଧାନ ଅଧୁରା, ରାସ୍ତା ଆଲୋକ ଓ ସୁରକ୍ଷା ନେଇ ବଢୁଛି ଅସନ୍ତୋଷ

କେସିଙ୍ଗା,୩୧/୮( ଅକ୍ଷର ଓଡିଶା) କେସିଙ୍ଗା ସହରକୁ ସୁନ୍ଦର, ସୁବ୍ୟବସ୍ଥିତ ଓ ଯାତାୟାତ ଉପଯୋଗୀ କରିବା ପାଇଁ ଆଜି ପର୍ଯ୍ୟନ୍ତ ଏକ ସଠିକ୍ ଓ ପୂର୍ଣ୍ଣାଙ୍ଗ ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ସହରର ଦୈନନ୍ଦିନ ମୌଳିକ ସମସ୍ୟାଗୁଡ଼ିକ ବର୍ଷ ବର୍ଷ ଧରି ଅମିମାଂସିତ ରହିଛି ।ବିଶେଷକରି ପନିପରିବା ଭଳି ଆବଶ୍ୟକ ଓ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବିକ୍ରି କରି ପିଢ଼ି ପିଢ଼ି ଧରି ସହରବାସୀଙ୍କୁ ସେବା ଯୋଗାଇ ଆସୁଥିବା ଛୋଟ ବ୍ୟବସାୟୀମାନଙ୍କ ସମସ୍ୟାର ଏଯାଏଁ ସ୍ଥାୟୀ ସମାଧାନ ହୋଇପାରିନାହିଁ। ଟ୍ରାଫିକ ସମସ୍ୟା ଓ ରାସ୍ତା ପ୍ରଶସ୍ତିକରଣ ନାମରେ ଗରିବ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ସହଜ ହୋଇଥିବା ବେଳେ, ସେମାନଙ୍କ ପାଇଁ ବିକଳ୍ପ ଓ ସ୍ଥାୟୀ ବ୍ୟବସ୍ଥା କରିବାରେ ପ୍ରଶାସନିକ ପଦକ୍ଷେପ ନେଇ ପ୍ରଶ୍ନ ଉଠୁଛି ।ଡେଲି ମାର୍କେଟ୍‌ର କାୟା ପରିବର୍ତ୍ତନ କେବେଡେଲି ମାର୍କେଟ୍‌ର ସମ୍ପୂର୍ଣ୍ଣ କାୟା ପରିବର୍ତ୍ତନ କରାଯାଇ ପନିପରିବା ବ୍ୟବସାୟୀମାନଙ୍କୁ ମାର୍କେଟ୍ ପରିସର ମଧ୍ୟରେ ସୁବ୍ୟବସ୍ଥିତ ଭାବେ ଥଇଥାନ କରାଯିବ ବୋଲି ଆନ୍ଦୋଳନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏନେଇ ସରକାରୀ ଅନୁମୋଦନ ମିଳିଥିଲା ଏବଂ ଅର୍ଥ ମଧ୍ୟ ଆସିଥିବା ଜଣାପଡ଼ିଥିଲା । କାମ ଆରମ୍ଭ ହୋଇଥିଲେ ମଧ୍ୟ କୌଣସି କାରଣରୁ ଏହା ଅଧାରେ ବନ୍ଦ ହୋଇଯାଇଛି ।ଏବେ ପ୍ରଶ୍ନ ଉଠୁଛି— ଅନୁମୋଦନ, ଅର୍ଥ ବରାଦ ଓ କାମ ଆରମ୍ଭ ପରେ ମଧ୍ୟ ଏହି ପ୍ରକଳ୍ପ



କାହିଁକି ଅଧୁରା ରହିଛି ଏହାର ଉତ୍ତର ସହ ଅଧୁରା କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବ ହେଉଛ ।ରାତିରେ ଅନ୍ଧାର, ସୁରକ୍ଷା ନେଇ ଚିନ୍ତାଅନ୍ୟପକ୍ଷରେ ଜଗନ୍ନାଥ ବୁକ୍ ଷ୍ଟୋରଠାରୁ ପୋଲିସ ଷ୍ଟେସନ୍ ପର୍ଯ୍ୟନ୍ତ ରାତି ସମୟରେ ରାସ୍ତା ଆଲୋକ ବ୍ୟବସ୍ଥା ଠିକ୍ ଭାବେ କାମ କରୁନଥିବା ଅଭିଯୋଗ ହେଉଛି । ବହୁ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଓ ଏଲଇଡି ଲାଇଟ୍ ଅଚଳ କିମ୍ବା ଠିକ୍ ଭାବେ ଜଳୁନଥିବାରୁ ରାତିରେ ଯାତାୟାତ କରୁଥିବା ଲୋକେ ଅସୁବିଧାରେ ପଡୁଛନ୍ତି ।ଜଗନ୍ନାଥ ମନ୍ଦିର ଛକରେ କିଛିଦିନ ପୂର୍ବରୁ ରେଡ୍ ଲାଇଟ୍ ଲଗାଯାଇଥିଲେ ମଧ୍ୟ ବର୍ତ୍ତମାନ ତାହା ଅଚଳ ଅବସ୍ଥାରେ ରହିଥିବା ଅଭିଯୋଗ ରହିଛି । ଏଭଳି ପରିସ୍ଥିତିରେ ସହରର ଟ୍ରାଫିକ ନିୟନ୍ତ୍ରଣ ଓ ରାତ୍ରି ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ପ୍ରତ୍ୟେକ ଛକରେ ଦାବିକେସିଙ୍ଗା ସହରର ବିଭିନ୍ନ ଅଞ୍ଚଳରେ ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଏଭଳି ସ୍ଥିତିରେ ସହରର ପ୍ରମୁଖ ଛକ, ବଜାର ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କ୍ୟାମେରା ସ୍ଥାପନ କରିବାକୁ ଦାବି ଜୋର ଧରିଛି ।ସହରର ବିକାଶ କେବଳ ରାସ୍ତା ପ୍ରଶସ୍ତିକରଣ କିମ୍ବା ଉଚ୍ଛେଦରେ ସୀମିତ ନ ରହି ବ୍ୟବସାୟୀଙ୍କ ଥଇଥାନ, ଡେଲି ମାର୍କେଟ୍‌ର ଆଧୁନିକୀକରଣ, ଷ୍ଟ୍ରିଟ୍ ଲାଇଟ୍, ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଏକାଠି କରି ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଉ ବୋଲି କେସିଙ୍ଗାବାସୀ ଦାବ କରଛନ୍ତ ।ପ୍ରଶାସନ ଓ ସମ୍ପୃକ୍ତ ଜନପ୍ରତିନିଧିମାନେ ଏ ଦିଗରେ ଶୀଘ୍ର ଦୃଢ଼ ପଦକ୍ଷେପ ନେବେ କି ନାହିଁ, ତାହାକୁ ଏବେ କେସିଙ୍ଗାବାସୀ ଅପେକ୍ଷା କରିଛନ୍ତି ।

# ବାଲିଗୁଡ଼ା ସାର ଗୋଦାମ ଘରେ ଚଢାଉ ଅନଧିକୃତ ୩୫ ଟନ୍ ଡିଏପି ସାର ଜବତ

ଫୁଲବାଣୀସଦର ୩୧/୦୮ : (ଅକ୍ଷର ଓଡିଶା)କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସ ଏକ ସାର ଗୋଦାମ ଘରେ ଚଢାଉ କରି ବେଆଇନ ଗଞ୍ଜେଇ ଚାଷ ପାଇଁ ବ୍ୟବହାର କରାଯିବା ପାଇଁ ଉଦ୍ଦିଷ୍ଟ ଅନଧିକୃତ ୩୫ ଟନ୍ ଡିଏପି ସାର ଜବତ କରିଛି । ବିଶ୍ୱସ୍ତ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ବାଲିଗୁଡ଼ା ଥାନା ଅନ୍ତର୍ଗତ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ମାଲିକ ଏବଂ ଟ୍ରକ୍ ଡ୍ରାଇଭରଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସଡିପିଓ ଶୁଭମ ଭୋସଲେ ।

# ଅନୁଗୋଳରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ସୂଚନା



ଅନୁଗୋଳ ୩୧/୦୮ (ଅକ୍ଷର ଓଡିଶା )ଅନୁଗୋଳରେ ରିପୋର୍ଟ ହୋଇଥିବା ସ୍କ୍ରବ୍ ଟାଇଫସ୍ ମାମଲାକୁ ନେଇ ଆତଙ୍କିତ କିମ୍ବା ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ।ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ଭାବେ ରିପୋର୍ଟ ହୋଇଥିବା ମାମଲାଗୁଡ଼ିକ ରାପିଡ୍ କିଟ୍ ଟେଷ୍ଟ ଆଧାରରେ ଚିହ୍ନଟ ହୋଇଥିଲା ।ପ୍ରଥମ ପର୍ଯ୍ୟାୟରେ ରାପିଡ୍ ଟେଷ୍ଟରେ ପଜିଟିଭ୍ ଆସିଥିବା ସମସ୍ତ ୯ଟି ମାମଲା ଏଲିଶା ପରୀକ୍ଷା ଟେଷ୍ଟରେ ଫଳାଫଳ ନେଗେଟିଭ୍ ଆସିଛି । ଅବଶିଷ୍ଟ ନମୁନାଗୁଡ଼ିକର ଚୂଡ଼ାନ୍ତ ନିଶ୍ଚିତକରଣ ପାଇଁ ଏଲିଶା ପରୀକ୍ଷା ମାଧ୍ୟମରେ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ।ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତିର ଅନୁଧ୍ୟାନ କରିବା ସହ ଆବଶ୍ୟକ ଚିକିତ୍ସା ସେବା ସୁନିଶ୍ଚିତ କରୁଛନ୍ତି । ସକ୍ରିୟ ସର୍ଭେଲାନ୍ସ ସହିତ ଆବଶ୍ୟକ ପ୍ରତିଷେଧକ ଓ ସତର୍କତାମୂଳକ ପଦକ୍ଷେପ ଏବଂ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯାଇଛି ।ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

# କବିସୂର୍ଯ୍ୟନଗର ପୌରପାଳିକାରେ ପାଳିତ ହେଲା ସ୍ୱାୟତ୍ତ ଶାସନ ଦିବସ




କବିସୂର୍ଯ୍ୟନଗର,୩୧/୮(ବିବେକାନନ୍ଦ ସାହୁ):ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପୌରପାଳିକା ପରିସରରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି ।ଅତିଥି ମାନେ କବିସୂର୍ଯ୍ୟ ବଳଦେବ ରଥ, ଓ ମହାପୁରୁଷଙ୍କୁ ମାଲ୍ୟାର୍ପଣ କରିବା ପରେ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସିକା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ ।ଉପସ୍ଥାପକ ବଳରାମ ପଲେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ପୂର୍ବତନ ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ମୁନ୍ସିପାଲଟି ପ୍ରଗତି ପାଇଁ ଲୋକଙ୍କ ସହଯୋଗ କାମନା କରି ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କ ରେ ସୂଚନା ଦେଇଥିଲେ ।ସେହିପରି ଭାରପ୍ରାପ୍ତ ଅଧକ୍ଷ ବିକ୍ରାନ୍ତ କୁମାର ସାହୁ କବିସୂର୍ଯ୍ୟନଗରକୁ ସୁନ୍ଦର ଭାବେ ଗଢିବା ପାଇଁ ସହର ବାସି ସହଯୋଗ କରିବାକୁ ନିବେଦନ କରିଥିବା ଜଣାଯାଇଛି । ବିଧାୟକ ଶ୍ରୀ ନାୟକ ତାଙ୍କ ମନ୍ତବ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ କରିଥିବା ସୂଚନା ଦେବା ପରେ ଭବ୍ୟ ବିକାଶମୁଖି କାର୍ଯ୍ୟ ଗୁଡିକ ସମ୍ପର୍କରେ ମତ ରଖିଥିଲେ । ଶେଷରେ ମୁଖ୍ୟ ଅତିଥି ଆସିକା ସାଂସଦ ମହୋଦୟା କବିସୂର୍ଯ୍ୟନଗରର ବିକାଶ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ଏକ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସବରେ ପୌର କର୍ମଚାରୀ, ସାମ୍ବାଦିକ ଓ କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ସହ ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୌରପାଳିକାର ଅଧିକାରୀ, କର୍ମଚାରୀ, ପୌର ପ୍ରତିନିଧି ଓ ବହୁ ସ୍ଥାନୀୟ ଲୋକ,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ମାଓ କ୍ୟାମ୍ପରୁ ଯାତ୍ରୀ ପ୍ରତୀକ୍ଷାଳୟ; ବଦଳିଛି ଓରାପଦରର ଚିତ୍ର



ମାଲକାନଗିରି, ୩୧/୮ (ପ୍ରଦୀପ ରାଉଳ)ଦିନେ ଯେଉଁଠି ଭୟର ଛାୟା ଘନୀଭୂତ ହୋଇ ରହୁଥିଲା, ଆଜି ସେହି ସ୍ଥାନରେ ଦେଖାଯାଉଛି ଜନସାଧାରଣଙ୍କ ଚଳପ୍ରଚଳ ଓ ଆଶ୍ୱସ୍ତିର ଚିତ୍ର । ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଅଣ୍ଡିରାପାଲ୍ଲୀ ପଞ୍ଚାୟତର ଓରାପଦର ଗ୍ରାମ ଏହି ପରିବର୍ତ୍ତନର ଏକ ନିଆରା ଉଦାହରଣ ପାଲଟିଛି ।ଏକଦା ମାଓବାଦୀଙ୍କ ଆଡ଼ା ଭାବେ ପରିଚିତ ଥିବା ଏକ ଘର ଏବେ ଯାତ୍ରୀ ପ୍ରତୀକ୍ଷାଳୟରେ ପରିଣତ ହୋଇଛି । ଯେଉଁ ସ୍ଥାନକୁ ନେଇ ଦିନେ ଲୋକଙ୍କ ମନରେ ଭୟ ରହୁଥିଲା, ଆଜି ସେହି ସ୍ଥାନ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳୀ । ଏହା କେବଳ ଏକ ଘରର ପରିବର୍ତ୍ତନ ନୁହେଁ, ବରଂ ଅଞ୍ଚଳରେ ଶାନ୍ତି ଓ ସାଧାରଣ ଜୀବନ ଫେରିବାର ଏକ ପ୍ରତୀକାତ୍ମକ ଚିତ୍ର । ଏକଦା ଅଣ୍ଡିରାପାଲ୍ଲୀ ପଞ୍ଚାୟତ ବାହ୍ୟ ଜଗତଠାରୁ ପ୍ରାୟ ବିଚ୍ଛିନ୍ନ ଥିଲା । ସ୍ଥଳପଥର ସୁବିଧା ନଥିବାରୁ ଜଳପଥ ହିଁ ଥିଲା ଲୋକଙ୍କ ଯାତାୟାତର ପ୍ରମୁଖ ମାଧ୍ୟମ । ବୋଟ ଓ ଦେଶୀ ଡଙ୍ଗା ଉପରେ ନିର୍ଭର କରି ଲୋକେ ନିକଟସ୍ଥ ଅଞ୍ଚଳକୁ ଯାତାୟାତ କରୁଥିଲେ । ଏହି ଭୌଗୋଳିକ ବିଚ୍ଛିନ୍ନତାର ସୁଯୋଗ ନେଇ ମାଓବାଦୀମାନେ ମଧ୍ୟ ଏଠାରେ ନିଜ ଗତିବିଧି ଚଳାଇଥିବା କୁହାଯାଏ ।ଗ୍ରାମବାସୀଙ୍କ କହିବାନୁଯାୟୀ, ଓରାପଦର ଲଞ୍ଚଘାଟ ନିକଟରେ ଥିବା ଏକ ଘରକୁ ମାଓବାଦୀମାନେ ଦୀର୍ଘ ସମୟ ଧରି କ୍ୟାମ୍ପ ଭାବେ ବ୍ୟବହାର କରୁଥିଲେ । ମୁଦୁଲିଗୁଡା ଓ ଓରାପଦର ଘାଟ ମଧ୍ୟରେ ଲଞ୍ଚ ଯୋଗେ ଯାତାୟାତ କରିବା ସହ ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଏହି ଘାଟକୁ ବ୍ୟବହାର କରୁଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ତେବେ ସମୟ ବଦଳିଛି, ବଦଳିଛି ଓରାପଦରର ପରିଚୟ । ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ସହ ବିଏସ୍‌ଏଫ୍ କ୍ୟାମ୍ପ ସ୍ଥାପନ ପରେ ମାଓବାଦୀ ପ୍ରଭାବ ହ୍ରାସ ପାଇଛି । ଧୀରେ ଧୀରେ ଫେରିଛି ସାଧାରଣ ଜୀବନ । ଏହାର ପ୍ରତିଫଳନ ଏବେ ଓରାପଦର ଘାଟରେ ମଧ୍ୟ ସ୍ପଷ୍ଟ ।ଭୟର ପ୍ରତୀକ ଥିବା ଏକ ଘର ଆଜି ଯାତ୍ରୀଙ୍କ ପାଇଁ ଉପଯୋଗୀ ହୋଇଛି । ମାଓବାଦୀଙ୍କ ଛାୟାରୁ ବାହାରି ଶାନ୍ତି, ସୁରକ୍ଷା ଓ ବିକାଶ ଦିଗରେ ଆଗକୁ ବଢୁଥିବା ଓରାପଦର ପାଇଁ ଏହି ଯାତ୍ରୀ ପ୍ରତୀକ୍ଷାଳୟ ଏକ ନିରବ ପରିବର୍ତ୍ତନର ସାକ୍ଷୀ ହୋଇ ରହିଛି । ଯେଉଁଠି ଦିନେ ଭୟ ଥିଲା, ସେଠି ଆଜି ଅପେକ୍ଷା କରୁଛି ବିକାଶର ନୂଆ ସକାଳ ।

# ଗୋଷ୍ଠୀଗତ ବିବାହ ପାଇଁ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର:୩୧ ।୮(ସଂଗ୍ରାମ ମହାପାତ୍ର) ଗତକାଲି ସନ୍ଧ୍ୟା ୬ଘଣ୍ଟା ସମୟରେ ଜିଲ୍ଲାପାଳ ଙ୍କ ଆବାସିକ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଗୋଷ୍ଠିଗତ ବିବାହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆର୍ଥିକ ସ୍ୱଚ୍ଛଳତା ନ ଥିବା ୩୦ ଯୋଡି ଙ୍କ ବିବାହ ପାଇଁ ସୋନପୁର ସହରର ନୂତନ ଟାଉନହଲ ଠାରେ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମ ସଫଳ ଭାବରେ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମାଜସେବୀ ମାନଙ୍କୁ ଆହ୍ୱାନ କରିବା ସହ ଦାୟିତ୍ୱ ବଣ୍ଟନ କରିଥିଲେ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ,ଡିଏସଡବ୍ଲ୍ୟୁ, ବୀଣାପାଣି ମିଶ୍ର,ଡିଏସ ଏସ ଓ , ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ସିଡିଓ ତଥା ଇଓ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ଡ଼.ସୌମ୍ୟରୂପା ରଥ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି,ଡିଆଇପିଆରଓ ପ୍ରୀତି ସୁନା, ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ମନୋରଞ୍ଜନ ତ୍ରିପାଠୀ ,ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଙ୍ଗୀ,ରେଆର କର୍ମକର୍ତ୍ତା ମନୋଜ କୁମାର ସ୍ୱାଇଁ ଏବଂ ସାମ୍ବାଦିକ ଉପସ୍ଥିତ ଥିଲେ । ପରିଶେଷରେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।।

# ବିପର୍ଯ୍ୟସ୍ତ ପ୍ରାଣୀ ଚିକିତ୍ସା

## ଜଣେ ଭ୍ରାମ୍ୟମାଣ ଅଧିକାରୀଙ୍କ ଭରସାରେ ଚାଲିଛି କାର୍ଯ୍ୟାଳୟ

ଆଠଗଡ଼,୩୧/୮(ଅକ୍ଷର ଓଡ଼ିଶା)ନରସିଂହପୁର ବ୍ଲକରେ ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୀର୍ଘ ବର୍ଷ ଧରି ନରସିଂହପୁର ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଡାକ୍ତର ପଦବୀ ଗୁଡ଼ିକ ଖାଲି ପଡ଼ିଥିବାରୁ ପ୍ରାଣୀଧନଙ୍କ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି । ଏବେ ମାତ୍ର ଜଣେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଭରସାରେ ଚାଲିଛି ସମଗ୍ର କାର୍ଯ୍ୟାଳୟ ।ସୂଚନା ଅନୁଯାୟୀ, ନରସିଂହପୁର ବ୍ଲକର ୩୭ଟି ପଞ୍ଚାୟତରେ ପ୍ରାୟ ୧ ଲକ୍ଷ ୫୨ ହଜାର ୫୭୩ଟି କୁକୁଡ଼ା, ୨୭ ହଜାର ୩୪୨ଟି ଛେଳି, ୨୪ ହଜାର ୫୪୩ଟି ଗାଈଗୋରୁ, ୧୦ ହଜାର ୮୭ଟି ମେଣ୍ଢା, ୨ ହଜାର ୨୮୩ଟି ମଇଁଷି ଓ ୧୩୬ଟି ଘୁଷୁରୀ ରହିଛନ୍ତି । ଏହାଛଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ବୁଲା ଗୋରୁ ଗାଈଙ୍କ ସଂଖ୍ୟା ମଧ୍ୟ ହଜାର ହଜାର ରହିଛି ।ଏତେ ବଡ଼ ପ୍ରାଣୀଧନ ସଂଖ୍ୟା ପାଇଁ ନରସିଂହପୁର ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଜଣେ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଜଣେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ରହିଛି । ତେବେ ଏଥିରୁ ୩ଟି ଡାକ୍ତର ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି ।୨୦୧୩ ମସିହାରୁ ବ୍ଲକ ମୁଖ୍ୟ ପ୍ରାଣୀ 

## ଡ.ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତଦିବସୋତ୍ସବ ପାଳନ

କବିସୂର୍ଯ୍ୟନଗର ୩୧/୦୮ (ବିବେକାନନ୍ଦ ସାହୁ):ଡ଼.ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ,କବିସୂର୍ଯ୍ୟ ନଗର, ଗଞ୍ଜାମ ଠାରେ ସଂସ୍କୃତ ଦ୍ୱିସୋତ୍ସ୍ୱ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବାବେଳେ, ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ମୂଖ୍ୟ ଅତିଥି ସାହିତ୍ୟ ଅଧ୍ୟାପକ ନରସିଂହ ପାତ୍ରୀ, ମୁଖ୍ୟ ବକ୍ତା ଦର୍ଶନ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ, ମଞ୍ଚପରିଚାଳନା ନ୍ୟାୟ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ନନ୍ଦ ଏବଂ ଅତିଥି ପରିଚୟ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଏବଂ ଓଡ଼ିଆ ଅଧ୍ୟାପିକା ଶ୍ରୀମତୀ ରୁନି ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାହାଡ଼ା ଛକରେ ଫାଣ୍ଡି ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା ୩୦ ।୮(ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଓ ଫତେଗଡ଼ ଥାନା ଅଧୀନ ବାହାଡ଼ା ବଜାରଟି ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ବୃହତ ବଜାର ଅଟେ ।ଉକ୍ତ ବଜାର ଉପରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ ଅଧୀନ ୧୦ ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ସଂପୂର୍ଣ୍ଣରୂପେ ନିର୍ଭର କରିଥାନ୍ତି ।ମାତ୍ର କିଛି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଯୋଗୁଁ ଜନଗହଳିପୂର୍ଣ୍ଣ ବାହାଡା ବଜାରରେ ବାରମ୍ବାର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ବ୍ୟବସାୟୀ ଭାଇମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଜଣାପଡିଛି ।ଏଭଳି ସ୍ଥିତିରେ ବାହାଡା ଛକରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି । ବାହାଡା ବଜାରରେ ଆଇନଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ନିକଟସ୍ଥ ଜଗନ୍ନାଥପ୍ରସାଦ ଫାଣ୍ଡି ଓ ଫତେଗଡ ଥାନା ଉପରେ ନ୍ୟସ୍ତ କରାଯାଇଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ବାସିନ୍ଦା ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି ।ବାହାଡା ବଜାର ନିକଟରେ ପଠାଣି ସାମନ୍ତ ମହାବିଦ୍ୟାଳୟ, ରାଷ୍ଟ୍ରାୟତ ବ୍ୟାଙ୍କ ଅଫ ବରୋଦା ଶାଖା,ଏକାଧିକ ସୁନା ଗହଣା ବ୍ୟବସାୟ ପ୍ରତିଷ୍ଠାନ,ବେସରକାରୀ ଶିକ୍ଷାନୁଷ୍ଠାନ ଓ ଶତାଧିକ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାହାଡା ଛକରେ ଏକ ଫାଣ୍ଡି ପ୍ରତିଷ୍ଠାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।ଫତେଗଡ ଥାନା ଠାରୁ ୧୫ କିଲୋମିଟର ଦୂର ଓ ଜଗନ୍ନାଥପ୍ରସାଦ ଫାଣ୍ଡି ଠାରୁ ୧୦ କିଲୋମିଟର ଦୂରରେ ବାହାଡା ଛକଟି ଅବସ୍ଥିତ ହୋଇଥିବାରୁ ବିଭିନ୍ନ ସମୟରେ ଅପରାଧ ଘଟାଇ ଅସାମାଜିକ ବ୍ୟକ୍ତିମାନେ ପୁଲିସ ପହଞ୍ଚିବା ପୂର୍ବରୁ ଘଟଣାସ୍ଥଳରୁ ଫେରାର ହୋଇ ଯାଉଥିବା ଜଣାପଡିଛି ।ବିଗତ ଦିନରେ ବାହାଡା ବଜାର ଅଞ୍ଚଳରେ ଚୋରୀ,ରାହାଜାନି, ଦାଦା ବଟି ଆଦାୟ ସାଙ୍ଗକୁ ପଠାଣିସାମନ୍ତ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ଅନଧିକାର ପ୍ରବେଶ ଭଳି ଅଭାବନୀୟ ଘଟଣା ଘଟିଥିବାର ଅନେକ ନଜିର ରହିଛି ।ଖଣ୍ଡପଡାରୁ ଭାପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ବାହାଡା ଛକଟି ଅବସ୍ଥିତ ହୋଇଥିବା ବେଳେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି ।ତେବେ ବାହାଡା ଛକରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ରାଜ ପୁଲିସ ମହା ନିର୍ଦ୍ଦେଶକ,କଟକ ଲୋକସଭା ସାଂସଦ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ବାହାଡା ବଜାର ବଣିକ ସଂଘର ସଦସ୍ୟମାନେ ଦାବି କରିଛନ୍ତି ।

## ସାଇ କୃପା ଏଜୁକେସନ୍ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ଆଶ୍ରା ବୃଦ୍ଧାଶ୍ରମରେ ଖାଦ୍ୟଦ୍ରବ୍ୟ ବଣ୍ଟନ



ପାରଳାଖେମୁଣ୍ଡି, ୩୧/୮(ତାରିଣୀ ପ୍ରସାଦ ପଣ୍ଡା): ସାମାଜିକ ସେବା କ୍ଷେତ୍ରରେ ଆଉ ଏକ ମାନବିକ ପଦକ୍ଷେପ ନେଇଛି ସାଇ କୃପା ଏଜୁକେସନ୍ ଚାରିଟେବୁଲ୍ ଟ୍ରଷ୍ଟ । ବି.ସିତାପୁର ସ୍ଥିତ ଆଶ୍ରା ବୃଦ୍ଧାଶ୍ରମରେ ଟ୍ରଷ୍ଟ ପକ୍ଷରୁ ବୃଦ୍ଧବୃଦ୍ଧା.ମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା ।ଏହି ଅବସରରେ ଟ୍ରଷ୍ଟର ସଦସ୍ୟମାନେ ବୃଦ୍ଧାଶ୍ରମରେ ରହୁଥିବା ବୃଦ୍ଧବୃଦ୍ଧାଙ୍କ ସହ କିଛି ସମୟ ବିତାଇବା ସହ ସେମାନଙ୍କ ସୁଖଦୁଃଖ ବିଷୟରେ ଆଲୋଚନା କରିଥିଲେ । ବୃଦ୍ଧମାନଙ୍କ ମୁହଁରେ ହସ ଫୁଟାଇବା ଏବଂ ସେମାନଙ୍କୁ ନିଜର ଲୋକଙ୍କ ଭଳି ଅନୁଭବ କରାଇବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଥିଲା ।ଟ୍ରଷ୍ଟର ଏଭଳି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି । ଆଗାମୀ ଦିନରେ ମଧ୍ୟ ଅସହାୟ, ବୃଦ୍ଧ ଓ ଆବଶ୍ୟକତା ଥିବା ଲୋକଙ୍କ ପାଇଁ ସେବା ଜାରି ରଖିବାକୁ ଟ୍ରଷ୍ଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ପ୍ରତିଷ୍ଠାତା ସରସ୍ୱତୀ ମହାପାତ୍ର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ଉପାଧ୍ୟକ୍ଷ ରଶ୍ମିତା ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ରାଜକନିକା ରେ ଜିଲ୍ଲାପାଳ ଓ SPଙ୍କ ମିଳିତ ଜଣ ଶୁଣାଣି



ରାଜକନିକା ୩୧/୦୮ (ନୁରେଇ ଖାନ )କେନ୍ଦ୍ରାପଡ଼ା ଜିଲ୍ଲାପାଳ ମିଳିତ ଜଣ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ମାସର ଶେଷ ସୋମବାର ଦିନ ରାଜକନିକା ବ୍ଲକ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ଜନ ଶୁଣାଣିରେ ମୋଟ୧୭୨ଟି ଅଭିଯୋଗ ହୋଇଥିବା ବେଳେ ସାମୁହିକ ଭାବରେ ୩୦ ବ୍ୟକ୍ତିଗତ ଭାବରେ ୧୨୯ଅଭିଯୋଗ ଥିବାଥିଲା ସେଥିରୁ ୧୩ଘଟଣା ସମାଧାନ ହୋଇଛି ସିଏମଆରଇ ଫଣ୍ଡରୁ ୧୮ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ଗଙ୍ଗାଧରପ୍ରସାଦ ଡିହା ଗାଁକୁ ସେତୁ ନିର୍ମାଣପାଇଁ ଦାବୀ, ସିକୋ ପଞ୍ଚାୟତ ପୁଇଝରିଆ ଗାଁର ଦୀର୍ଘଦିନ ହେବ ପିଇବା ପାଣିସମସ୍ୟା ଥିବା ବେଳେ ଆଜି ପୁଇଝରିଆ ଗାଁର ମହିଳା ପୁରୁଷମନେ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରି ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବୀକରିବା, କଣ୍ଢପଡା ବଜାରରେ ବନ୍ଦ ହୋଇ ପଡ଼ିଥିବା ଷ୍ଟ୍ରିଟ ଲାଇଟର ମରାମତି କରି ଆଲୋକି କରଣ କରାଇବା ଆଦି ମୁଖ୍ୟ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ



ରାୟଗଡା ୩୧. ୮.. (କୈଳାସ ସ୍ୱାଇଁ )ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ପ୍ରାଧିକରଣ ର ସଚିବ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ସକାଳ ଘ.୧୧.୦୦ମି ରେ ସ୍ଥାନୀୟ କୁମ୍ଭିକଟା ଗ୍ରାମ ପଞ୍ଚାୟତ ପରିସରରେ ଲୋକ ମାନଙ୍କ ପାଇଁ ସରକାରଙ୍କ ତରଫ ରୁ ଉପଲବ୍ଧ ଥିବା ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ଓ ସ୍ଥାୟୀ ଲୋକ ଅଦାଲତର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବ୍ଲକ ଅଫିସର ଡ.ର.ଙ. ମନୋରଞ୍ଜନ ରାଉତ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପ୍ରଷ୍ଠ ଅଫିସ ରିଟେନର ସୁକାନ୍ତ ଦାସ, କୁମ୍ଭିକଟା ଗ୍ରାମ ପଞ୍ଚାୟତର ସରପଞ୍ଚ, ପି.ଇ.ଓ, କର୍ମଚାରୀ, ରାୟଗଡା ବ୍ଲକର ବହୁତ ଜେଣ୍ଡର ସି.ଆ.ପି ଓ କୁମ୍ଭିକଟା ଗ୍ରାମ ର ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପସ୍ଥିତ ଥିବା ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଅଂଶଗ୍ରହଣ କାରୀ ମାନଙ୍କୁ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ସଂପର୍କରେ ବିସ୍ତୃତ ଭାବରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି ଯୋଜନାରେ ହିତାଧିକାରୀ ମାନେ କିପରି ନିଜକୁ ପଞ୍ଜୀକୃତ କରାଇ ଯୋଜନାର ସୁଫଳ ଉପଲବ୍ଧ କରିପାରିବେ ସେ ସଂପର୍କରେ ଅବଗତ କରାଇଥିଲେ ।

ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବ୍ଲକ ଅଫିସର ଡ.ର.ଙ. ମନୋରଞ୍ଜନ ରାଉତ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପ୍ରଷ୍ଠ ଅଫିସ

## ବର୍ଷାରେ ଧୋଇଯାଉଛି ସରକାରୀ ଟଙ୍କା, ପିସି କାରବାରରେ ଅନ୍ଧ ପ୍ରଶାସନ

# ଜାମୁଦଲକ ଗ୍ରାମପଞ୍ଚାୟତରେ ନିୟମକୁ ଦଳି ମନରେଗା ଅର୍ଥ ହରିଲୁଟ୍



ଚମ୍ପୁଆ : -୩୧/୮(ରାମକୃଷ୍ଣ ଜିତ)ଶ୍ରାବଣର ପ୍ରବଳ ବର୍ଷା ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାମୁଦଲକ ଗ୍ରାମପଞ୍ଚାୟତ ରେ ଚାଲିଛି ସରକାରୀ ନିୟମାବଳୀର ଖୋଲାଖୋଲି ଉଲ୍ଲଂଘନ । ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ, ଜୁନ୍‌ରୁ ଅକ୍ଟୋବର ମାସ ମଧ୍ୟରେ କୌଣସି ନୂଆ କେନାଲ ଖୋଳିବା କିମ୍ବା ମାଟି କାମ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ । କେବଳ ବୃକ୍ଷରୋପଣ କିମ୍ବା କଂକ୍ରିଟ୍ କାମ ପାଇଁ ଅନୁମତି ଥିବା ବେଳେ, ପ୍ରଶାସନିକ ସେଟିଂ ଓ ମୋଟା ଅଙ୍କର ପିସି କାରବାର ବଳରେ ବର୍ଷା ପାଣିରେ ଓଦା ମାଟି ପକାଇ ନିମ୍ନମାନର କେନାଲ ନିର୍ମାଣ ଚାଲିଛି । ଜନସାଧାରଣଙ୍କ କଷ୍ଟ ଉପାର୍ଜିତ ଟିକସ ଟଙ୍କାକୁ ପାଣିରେ ଭସାଇ ଦେବା ପାଇଁ ଏହି ବେଆଇନ କାର୍ଯ୍ୟ ଚାଲିଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଏବଂ ଆଜୀବିକା ମିଶନ (ଆର୍ଥିକ ବର୍ଷ ୨୦୨୬-୨୭) ଅଧୀନରେ ମଙ୍ଗଳପୁର ଗ୍ରାମରୁ କାନପୁର କେନାଲ ପର୍ଯ୍ୟନ୍ତ କାମ ପାଇଁ ୮ ଲକ୍ଷ ଟଙ୍କାର ଅଟକଳ ରାଶି ମଞ୍ଜୁର ହୋଇଛି । ଗତ ୨୧-୦୮-୨୦୨୬ ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଯାଇ ନଥିଲା । ୨୬ ତାରିଖରେ ଗ୍ରାମପଞ୍ଚାୟତ ତାଗିଦ୍ କରିବା ପରେ ସୂଚନା ଫଳକ ଲଗାଗଲା । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, କୌଣସି ବାସ୍ତବ କାମ ନକରି କେବଳ କିଛି ଜବକାର୍ଡଧାରୀଙ୍କୁ କାର୍ଯ୍ୟସ୍ଥଳୀରେ ଛିଡ଼ା କରାଇ ସେମାନଙ୍କର ମିଥ୍ୟା ଉପସ୍ଥାନ ପକାଯାଉଛି । ଏହି ମହାଦୁର୍ନୀତି ସମ୍ପର୍କରେ ଗ୍ରାମ ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି । ମାତ୍ର କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସମସ୍ତେ ଆଖିବୁଜି ଦେଇଛନ୍ତି । ପ୍ରଶ୍ନ ଉଠୁଛି-ଶ୍ରାବଣର ପ୍ରବଳ ବର୍ଷାରେ ଓଦା ମାଟି ପକାଇ କେନାଲ କାମ କରିବାକୁ ଅନୁମତି ଦେଲା କିଏ ବର୍ଷାରେ ଧୋଇଯିବା ନିଶ୍ଚିତ ଜାଣି ମଧ୍ୟ ୮ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ ପାଣିରେ ପକାଯାଉଛି ବିନା କାର୍ଯ୍ୟରେ କେବଳ ଫଟୋ ଉଠାଇ ଶ୍ରମିକଙ୍କ ହାଜିରା ପକାଇବା ପଛରେ କେଉଁ ଅଫିସରଙ୍କ ହାତ ଅଛି ଗ୍ରାମସେବକଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ନୀରବତା ପଛରେ କେତେ ପିସି କାରବାର ଲୁଚି ରହିଛି ସାଧାରଣ ନିରୀହ ଲୋକଙ୍କ ରୋଜଗାର ଓ ଭିତିଭୂମି ବିକାଶ ନାମରେ ଏହିଭଳି ଖୋଲା ପ୍ରହସନକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ଅଞ୍ଚଳବାସୀ । ଜାମୁଦଲକ ଗ୍ରାମପଞ୍ଚାୟତରେ ଚାଲିଥିବା ସମସ୍ତ ମନରେଗା ପ୍ରକଳ୍ପର ସତ୍ୟାସତ୍ୟ ପରଖିବା ପାଇଁ ଜିଲ୍ଲା ଲୋକପାଳ ନିଜେ ସ୍ଥଳପରିଦର୍ଶନ କରନ୍ତୁ । ନିୟମ ଭାଙ୍ଗି ସରକାରୀ ସମ୍ପତ୍ତି ଲୁଟ୍ କରୁଥିବା ଦୁର୍ନୀତିଗ୍ରସ୍ତ ଅଫିସର, ନିର୍ବାହୀ ଅଧିକାରୀ ଓ ପ୍ରତିନିଧିଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ, ଯେପରି ଭବିଷ୍ୟତରେ ଅନ୍ୟ କେହି ଜନସାଧାରଣଙ୍କ ଟିକସ ଟଙ୍କାକୁ ଏଭଳି ବାଟମାରଣା କରିବାକୁ ସାହସ କରିବେ ନାହିଁ ।

## ବିଜେପି ଜିଲ୍ଲା ଉପସଭାପତିଙ୍କ କେନ୍ଦ୍ରାପଡା ଗ୍ରସ୍ତ

ରାଜକନିକା ୩୧/୮/(ନୁରେଇ ଖାନ ) ଆଜି ବିଜେପି ବିଧାନସଭା ପ୍ରାଥୀ ତଥା ଜିଲ୍ଲାଉପ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ରାଜକନିକା ବ୍ଲକ ଦୀପାଞ୍ଚଳ ଗଙ୍ଗାଧର ପ୍ରସାଦଡିଆ ଗ୍ରାମକୁ ଯାଇ କୁମ୍ଭୀର ଆକ୍ରମଣ ରେ ମୃତ୍ୟୁ ପାରେଶ୍ୱର ଙ୍କ ଭାଇ ଓ ଅନ୍ୟ ମାନଙ୍କୁ ଭେଟି ସମବେଦନା ଜଣାଇଥିଲେ ପ୍ରକାଶ ଯୋଗ୍ୟ ଏହି ଗ୍ରାମ ରେ ଖରସ୍ରୋତା ନଦୀ ଉପରେ ପୋଲ ଟିଏପାଇଁ ଦୀର୍ଘ ଦଶନ୍ଧି ଧରି ଦାବି ହୋଇ ଆସୁଥିଲା ବେଳେ ସରକାରୀ ଦଳନେତା ଙ୍କୁ ଗ୍ରାମ ରେ ପାଇ ଗ୍ରାମ ବାସୀ ତାଙ୍କ ଦୃଷ୍ଟି କୁ ନେଇ ପୋଲ ନିର୍ମାଣ ନିଶ୍ଚିତ କରାଇବାକୁ ଅନୁରୋଧ କରିବା ପରେ ଶ୍ରୀ ପଣ୍ଡା ବିଭାଗୀୟ ଅଧିକାରୀଙ୍କ ସହ ଗ୍ରାମବାସୀଙ୍କ ଉପସ୍ଥିତ ରେ ଫୋନ୍ କରି କଥା ହେବା ସହ ପୋଲ ପାଇଁ ଆବଶ୍ୟକୀୟ ପ୍ରସ୍ତାବ ସମ୍ପୃକ୍ତ ବିଭାଗ କୁ ଦିଆ ଯାଇଛି ଓ ଏହି ସମ୍ବେଦନଶୀଳ ଏବଂ ନ୍ୟାର୍ଯ୍ୟ ଲୋକଙ୍କ ଦାବି ପ୍ରତି ସଚେତନ ଥିବା ଓ ତଦନୁଯାୟୀ କାର୍ଯ୍ୟ କରୁଥିବା ଗଣମାଧ୍ୟମ କୁ କହିଛନ୍ତି ଶ୍ରୀ ପଣ୍ଡାଙ୍କ ପ୍ରତିଶ୍ରୁତି ର ଦୃଢ଼ତା ଲୋକଙ୍କୁ ସାମାନ୍ୟ ଆସୋ ସ୍ତ କରି ଥିବାର ଜଣା ପଡିଛି ତେବେ କେବେ ସମ୍ବାଧନତା ର ୮୦ ବର୍ଷ ପରେ ଏହି ମୌଳିକ ଦାବି ତଥା ଦୀର୍ଘ ଦଶନ୍ଧି ର ସ୍ୱପ୍ନ ପୂରଣ ହେବ ତାହା ଦେଖିବାକୁ ସାଧାରଣ ଲୋକେ ଉତ୍ସାହ ର ସହ ଅପେକ୍ଷା କରିଛନ୍ତି ।

## ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ



ଆଠଗଡ଼,୩୧/୮(ଅକ୍ଷର ଓଡ଼ିଶା)ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଆଠଗଡ ରାସରସିକପୁର ଠାରେ ଏକ ନୂତନ କଲ୍ୟାଣ ମଣ୍ଡପ ଏବଂ ମଳ ଉପଚାର କେନ୍ଦ୍ର ଠାରେ ପ୍ରଥମ ମହଲା ପ୍ରଶାସନିକ କେନ୍ଦ୍ର ର ଶୁଭ ଉଦ୍ଘାଟନ କଲେ ଆଠଗଡର ପ୍ରିୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଏହି ପ୍ରରିପେକ୍ଷୀରେ ଆଠଗଡ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଆଠଗଡ଼ରେ ଥିବା ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ରାୟଗଡ଼ ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଆଡ଼ମ୍ବର ସହକାରେ ପାଳିତ

ରାୟଗଡ଼: ୩୧. ୮. (କୈଳାସ ସ୍ୱାଇଁ )ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୪୨୩୭ ତାରିଖ:୨୫.୦୮.୨୦୨୬ ର ନିର୍ଦ୍ଦେଶକ୍ରମେ, ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଗୌରବର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଧାୟକ କାତ୍ରାକା ଆପାଲା ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହିତ ପୌରପରିଷଦର ପୌରାଧ୍ୟକ୍ଷପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନସିଲରବୃନ୍ଦ, ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀଗଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣକୁ ରାୟଗଡ଼ ପୌରପରିଷଦ ଅଡିଟୋରିୟମରେ ଏଲ୍.ଇ.ଡି ସ୍କ୍ରିନ୍ ମାଧ୍ୟମରେ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା ।

## ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ବେଲଗୁଣ୍ଡା ୩୧/୦୮, ସ୍ଥାନୀୟ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ରେ ଯୁବ ରେଡକ୍ରସ୍ ଶାଖା ପକ୍ଷରୁ ନୂତନ ଭାବରେ ଯୁବ ରେଡକ୍ରସ୍ ରେ ଯୋଗଦେଇଥିବା ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବି

# ଫଟୋରେ ଖବର

ମଙ୍ଗଳବାର ୦୧।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା







## ଢେଙ୍କାନାଳରେ ଆୟୋଜିତ 'ସୁୟତ୍ତ ଶାସନ ଦିବସ-୨୦୨୬'ର
## ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଲେ ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର







































ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera